ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.143 Bhubaneswar Thursday July 13 2023 | ୨୬ତମ ବର୍ଷ ସଂଖ୍ୟା-୧୪୩ ଭୁବନେଶ୍ୱର ଗୁରୁବାର, ଜୁଲାଇ ୧୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଜନଶୁଣାଣି ଫେଲ୍: ୨୫ହଜାର ପଡିରହିଥିଲା, ପାଣ୍ଡିଆନଙ୍କୁ ମିଳିଲା ଆଉ ୧୮ହଜାର, ଲୋକଙ୍କ ଆବେଦନ ନୁହେଁ ନେତାଙ୍କ ତାଲିକାକୁ ମଞ୍ଜୁରୀ

ଭୁବନେଶ୍ୱର, ୧୨।୭(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ତଥା ଫାଇଭ-ଟି ସଚ୍ଚିବ ଭିକେ ପାଣ୍ଡିଆନଙ୍କ ଭବ୍ୟ ଜିଲ୍ଲା ଗସ୍ତ ଓ ପ୍ରକଳ୍ପ ଘୋଷଣା ଆଦି କାର୍ଯ୍ୟକ୍ରମକୁ ବିରୋଧୀ ଦଳଙ୍କ ତୀବ୍ର ବିରୋଧ ପରେ ରାଜ୍ୟ ସରକାରଙ୍କର ସ୍ୱର ବଦଳିଛି । ପାଣ୍ଡିଆନଙ୍କ ଜିଲ୍ଲା ଓ ବ୍ଲକ ଗସ୍ତକୁ ଏବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମଓ)ର ଜନଶୁଣାଣି କାର୍ଯ୍ୟକ୍ରମ ଭାବେ ସରକାର ଅଭିହିତ କରିବା ସହ ଏପର୍ଯ୍ୟନ୍ତ ୨୦ଟି ଜିଲ୍ଲା ଗସ୍ତବେଳେ ସାଧାରଣ ଲୋକଙ୍କ ୧୮ହଜାର ଅଭିଯୋଗ ମିଳିଛି ବୋଲି ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୀକ୍ଷା କରି ସୂଚ୍ନା ଦେବାପରେ ରାଜନୀତିକ ଉଷ୍ମତା ବୃଦ୍ଧି ପାଇଛି ।ଏପଟେ ରାଜ୍ୟ ସରକାରଙ୍କ ପାଖରେ ଏବେବି ୨୫ହଜାରରୁ ଅଧିକ ଅଭିଯୋଗ ପଡି ରହିଥିବାକୁ ନେଇ ମୁଖ୍ୟ ସଚ୍ଚିବ ପ୍ରଦୀପ କୁମାର ଜେନା ଅସନ୍ତୋଷ ବ୍ୟକ୍ତ କରି ସଚ୍ଚିବ ଓ ଜିଲ୍ଲାପାଳମାନଙ୍କୁ ତାଗିଦ୍ କରିଛନ୍ତି । ଜିଲ୍ଲା ଗସ୍ତ ସମୟରେ ସାଧାରଣ ଲୋକେ ଦେଉଥିବା ସିଧାସଳଖ ଅଭିଯୋଗ ଉପରେ ୭ଦିନ ମଧ୍ୟରେ ଖୁସି ଖବର ମିଳିବ ବୋଲି ପାଣ୍ଡିଆନ୍ କହୁଥିଲେ ମଧ୍ୟ ବାସ୍ତବରେ ସମ୍ପୃକ୍ତ ଜିଲ୍ଲାର ବିଜେଡି ବିଧାୟକମାନେ ଦେଉଥିବା ତାଲିକା ଆଧାରରେ ପ୍ରକଳ୍ପଗୁଡିକ ମଞ୍ଜୁର ହେଉଥିବା ଜଣାପଡିଛି । ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜନଶୁଣାଣି କାର୍ଯ୍ୟକ୍ରମ ବୋଲି ଚିତ୍ରଣ କରାଯିବାକୁ ନେଇ ରାଜନୀତି ଜୋର୍ ଧରିଛି । ମିଳିଥିବା ସୂଚ୍ନା ଅନୁସାରେ, 'ମୋ ସରକାର' ଅଧୀନରେ ଜନଶୁଣାଣି ଅଭିଯୋଗ ଆସିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତକାଲି ଘୋଷଣା କରିବା ସହ ତାଙ୍କ କାର୍ଯ୍ୟାଳୟର ଅଫିସରମାନେ ଜିଲ୍ଲା ଓ ବ୍ଲକକୁ ଯାଇ ଜନଶୁଣାଣି କରି ୧୮ହଜାର ପିଟିସନ ବା ଅଭିଯୋଗ ପାଇଛନ୍ତି ବୋଲି ସୂଚ୍ନା ଦେଇଛନ୍ତି । ତେବେ ପ୍ରତ୍ୟେକ ସୋମବାର ଜିଲ୍ଲାସ୍ତରରେ ଏସପି ଓ ଜିଲ୍ଲାପାଳ ମିଳିତ ଅଭିଯୋଗ ଶୁଣାଣି କରୁଥିବାବେଳେ ରାଜ୍ୟସ୍ତରରେ ବିଭାଗୀୟ ମୁଖ୍ୟମାନେ ମଧ୍ୟ ସିଧାସଳଖ ଅଭିଯୋଗ ଶୁଣୁଛନ୍ତି । ଏହାବ୍ୟତୀତ ଇ-ଅଭିଯୋଗ ପୋର୍ଟାଲ( ୨୦୨୧ ନଭେମ୍ବର ୧ରୁ ଜନଶୁଣାଣି ପୋର୍ଟାଲ) ମାଧ୍ୟମରେ ରାଜ୍ୟ ସରକାରଙ୍କୁ ସାଧାରଣ ଲୋକେ ଅଭିଯୋଗ କରିବାର ସୁଯୋଗ ରହିଛି । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଫିସରଙ୍କୁ ସିଧାସଳଖ ଲିଖିତ ଅଭିଯୋଗ, ଇ-ମେଲ୍ ?, ହ୍ୱାଟସଅପ, ଚ୍ଠି, ମୋବାଇଲ ଆପ୍ ଓ ୱେବସାଇଟ୍ ମାଧ୍ୟମରେ ଇ-ଅଭିଯୋଗ(ଜନଶୁଣାଣି ପୋର୍ଟାଲ) କରୁଥିବା ସାଧାରଣ ଲୋକଙ୍କର ପ୍ରାୟ ୨୫ହଜାରରୁ ଅଧିକ ଅଭିଯୋଗର ଶୁଣାଣି ନହୋଇ ପଡିରହିଛି । ଯାହାକୁ ନେଇ ମୁଖ୍ୟ ସଚ୍ଚିବ ପ୍ରଦୀପ ଜେନା କ୍ଷୁବ୍ଧ ହେବା ସହ ତ୍ୱରିତ୍ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଗତ ଏପ୍ରିଲ ମାସରେ ବିଭାଗୀୟ ସଚ୍ଚିବ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଗତ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ୨୫ହଜାରରୁ ଅଧିକ ଅଭିଯୋଗର ଶୁଣାଣି ନହୋଇ ପଡିରହିଥିବାବେଳେ ପଂଚାୟତିରାଜ ବିଭାଗରେ ୬୩୧୮ଟି, ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୩୬୫୦ଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣରେ ୨୩୦୫ଟି, ଉଚ୍ଚଶିକ୍ଷାରେ ୧୧୧୪ଟି, ନଗର ଉନ୍ନୟନରେ ୧୨୨୩ଟି, ଗୃହ ବିଭାଗରେ ୧୦୭୪ଟି, ଅନୁସୂଚ୍ତି ଜାତି ଓ ଜନଜାତି ବିଭାଗରେ ୮୭୭ଟି, ରାଜସ୍ୱ ଓ ବିପର୍ଯ୍ୟୟରେ ୬୮୮ଟି, ସାଧାରଣ ପ୍ରଶାସନରେ ୭୩୮ଟି ଆଦି ଅଭିଯୋଗର ଶୁଣାଣି ନହୋଇ ପଡିରହିଛି । ଏମିତି କି ମାର୍ଚ୍ଚ ମାସରେ ପଂଚାୟତିରାଜ ବିଭାଗକୁ ମିଳିଥିବା ୨୪୨୩ଟି ଅଭିଯୋଗରୁ ମାତ୍ର ୭୮୭ଟିର ସମାଧାନ ହୋଇପାରିଛି । ସେହିପରି ମାର୍ଚ୍ଚ ମାସରେ ନଗର ଉନ୍ନୟନ ବିଭାଗକୁ ମିଳିଥିବା ଲୋକଙ୍କ ୨୦୩ଟି ଅଭିଯୋଗରୁ ୨୬ଟିର ସମାଧାନ ହୋଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗରେ ୩୧୯ରୁ ମାତ୍ର ୬୦ଟି, ଶକ୍ତି ବିଭାଗରେ ୧୩୨ରୁ ୪୨ଟି, ଅନୁସୂଚ୍ତି ଜାତି ଓ ଜନଜାତି ବିଭାଗରେ ୧୧୭ରୁ ୧୬ଟି, ଉଚ୍ଚଶିକ୍ଷାରେ ୧୫୧ରୁ ୧୫ଟି, ଜଙ୍ଗଲ ଓ ପରିବେଶରେ ୬୦ରୁ ୩ଟି, ଗୃହରେ ୪୮୧ରୁ ୧୧୬ଟି ଓ କୃଷି ବିଭାଗରେ ୩୫୧ରୁ ମାତ୍ର ୧୩୪ଟି ଅଭିଯୋଗର ଶୁଣାଣି ଶେଷ ହୋଇଛି ।ସରକାରୀସ୍ତରରେ ନିୟମିତ ଜନଶୁଣାଣି ପାଇଁ ଏତେ ବ୍ୟବସ୍ଥା ଥିବାବେଳେ ଭୁବନେଶ୍ୱରସ୍ଥିତ ନିଜ ଅଭିଯୋଗ ପ୍ରକୋଷ୍ଠକୁ ଦୀର୍ଘ ୪ବର୍ଷ ଧରି ବନ୍ଦ କରି ରଖିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜ କାର୍ଯ୍ୟାଳୟର ଅଫିସରମାନଙ୍କୁ ଜିଲ୍ଲା ଗସ୍ତରେ ପଠାଇ ଜନଶୁଣାଣି କରୁଛନ୍ତି ବୋଲି ସୂଚ୍ନା ଦେବାକୁ ବିରୋଧୀ ସହଜରେ ହଜମ କରିପାରୁନାହାନ୍ତି । କାରଣ ଶ୍ରୀ ପାଣ୍ଡିଆନ ଏପର୍ଯ୍ୟନ୍ତ ୨୦ଟି ଜିଲ୍ଲା ଗସ୍ତରେ ଯାଇ ଯେଉଁ ଜନଶୁଣାଣି (ବିରୋଧୀଙ୍କ ଭାଷାରେ ରାଜନୀତିକ ଜନସଭା) କରିଛନ୍ତି ସେଠାରୁ ବି ୧୮ହଜାର ଅଭିଯୋଗ ମିଳିଛି । ତେବେ ନିଜ ଗସ୍ତବେଳେ ସାଧାରଣ ଲୋକ ନିଜ ଗାଁର ମଠ, ମନ୍ଦିର, ମସଜିଦ୍ ଓ ଗୀର୍ଜା ଆଦି କାର୍ଯ୍ୟ ପାଇଁ ଦେଇଥିବା ଆବେଦନର ନିଶ୍ଚିତ ସମାଧାନ ୭ଦିନ ମଧ୍ୟରେ ମିଳିବ ବୋଲି ଶ୍ରୀ ପାଣ୍ଡିଆନ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନଥିବା ଜଣାପଡିଛି ।



## ଉଚ୍ଛେଦ କରିବାକୁ ଆସିଥିବା ବିଏମ୍ସି ଅଧିକାରୀଙ୍କୁ ଘେରିଲେ ଉଠାଦୋକାନୀ

ଭୁବନେଶ୍ୱର, ୧୨।୭(ପି.ଏନ): ବୁଧବାର ଦିନ ୧୦ ଘଟିକା ସମୟରେ ବିଏମ୍ସି ଉତର ଜୋନର ଅଧିକାରୀମାନେ କୌଣସି ସୂଚନା ନ ଦେଇ ହଠାତ୍ ଶୈଳଶ୍ରୀ ବିହାର ବିଦ୍ୟୁତ ବିଭାଗ ପାଖରେ ଥିବା ଉଠାଦୋକାନୀ ନିକଟରେ ଉଚ୍ଛେଦକାରୀ ଦଳ ପହଂଚି ଆଇନକୁ ଉଲଙ୍ଘନ କରି ବୁଲଡୋଜର ଲଗାଇ ଉଚ୍ଛେଦ କରିବା ସମୟରେ ସେଠାରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସମ୍ପାଦକ ଅନୁଜ କୁମାର ପ୍ରଧାନ ଓ ଲଲାଟ କୁମାର ଓଝା, ଶୁଭଶ୍ରୀ ମହାନ୍ତି, ଜଗବନ୍ଧୁ ବେହେରା ପ୍ରମୁଖ ପହ୍ ଉଚ୍ଛେଦକାରୀ ଦଳଙ୍କୁ କେଉଁ ଆଇନ ବଳରେ ଉଚ୍ଛେଦ କରୁଛନ୍ତି, ଉଠାଦୋକାନୀ ଆଇନ ମାନୁଛନ୍ତି ନା ନାହିଁ, ସମ୍ବିଧାନର ଧାରା ୧୯(୧)(ଛ)କୁ ସମ୍ମାନ ଦେଉଛନ୍ତି ନା ନାହିଁ ଆଦି ପ୍ରଶ୍ନ ପଚ୍ଚରିଥିଲେ। କିନ୍ତୁ ଉଚ୍ଛେଦକାରୀ ଦଳ କୌଣସି ପ୍ରଶ୍ନର ଉତର ନଦେଇ ମିଛରେ ଏଣୁତେଣୁ କହି ଭୁଲାଇ ଦେବାକୁ ଚେଷ୍ଟା କରିବାରୁ ଉଠାଦୋକାନୀମାନେ ବିଏମ୍ସି ଅଧିକାରୀଙ୍କୁ ଘେରିବା ସହ ବୁଲଡୋଜର ଆଗରେ ଛିଡ଼ା ହୋଇ ବିରୋଧ କରିବାରୁ ସେଠାରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ସେଠାରେ ପହଂଚି ଉଠାଦୋକାନୀ ଆଇନ, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ମାନୁଛନ୍ତି କି ନାହିଁ ପ୍ରଶ୍ନ ପଚ୍ଚରିଥିଲେ। ଫଳରେ ଉଚ୍ଛେଦକାରୀ ଦଳ ସେଠାରୁ ଫେରି ଯାଇଥିଲେ ଏବଂ ସ୍ଥାନୀୟ କର୍ପୋରେଟର ଆସି ସମସ୍ତ ଦୋକାନୀମାନଙ୍କୁ ବୁଝାସୁଝା କରି ବିଏମ୍ସିର ଡେପୁଟି କମିଶନରଙ୍କ ପାଖକୁ ନେଇ ସ୍ଥାୟୀ ଥଇଥାନ କରିବା ପାଇଁ ଆଲୋଚନା କରିଥିଲେ।ଏଠାରେ ସୂଚନାଯୋଗ୍ୟ ଯେ ଭୁବନେଶ୍ୱର ସହରରେ ଏବେ ବିଏମ୍ସି, ବିଡିଏ, ଜିଏ ଉଠାଦୋକାନୀ ଆଇନ ନମାନି ଯେଉଁଭଳି ଭାବରେ ଉଠାଦୋକନଗୁଡ଼ିକୁ ଉଚ୍ଛେଦ କରି ଚ୍ଚଲିଛନ୍ତି ତାହା ସମ୍ବିଧାନ ବିରୋଧୀ ବୋଲି ଶ୍ରୀଯୁକ୍ତ ସାହୁ କହିଛନ୍ତି। ସମ୍ବିଧାନକୁ ନ ମାନିବା ପାଇଁ ବିଏମ୍ସି କମିଶନର, ବିଡ଼ିଏ ଉପାଧକ୍ଷ କଣ ତାଙ୍କର କର୍ମଚ୍ଚରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି ? ଯଦି ଏହିଭଳି ଅନ୍ୟାୟ ଭାବରେ ଉଠାଦୋକାନ ଉଚ୍ଛେଦ କରି ଚ୍ଚଲନ୍ତି, ତେବେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବା ସହ ଯଦି ଆଇନକୁ ହାତକୁ ନେବାକୁ ପଡ଼େ ତାହାହେଲେ ମହାସଂଘ ପଛଘୁଂଚା ଦେବନାହିଁ ବୋଲି ଶ୍ରୀ ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦ଟି ସଂଘର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କ ସମେତ ସୁଶାନ୍ତ କୁମାର ରାଉତ, ପ୍ରଦୀପ ସାହୁ, ମନୋଜ ସୁତାର, ବଂଶୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୮ବର୍ଷ ପରେ ମିଳୁନି ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି

ଧର୍ମଶାଳା, ୧୨।୭(ପି.ଏନ): ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ଯୋଜନା କରିଛନ୍ତି । ହେଲେ ବାସ୍ତବରେ ତାହା ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ପଂଚାୟତ ସ୍ତରୀୟ ଲୋକପ୍ରତିନିଧିଙ୍କ ଆନ୍ତରିକ ଅଭାବରୁ ବହୁ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତା ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ମୃତ୍ୟୁର ୮ବର୍ଷ ପରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ମିଳୁ ନଥିବାରୁ ମୃତକ ପରିବାର ଏହି ସହାୟତା ପାଇବାକୁ ଚାହିଁ ବସିଛନ୍ତି।

## ୨୦୨୫ରେ ଅଧିକ ତାତିବ ସୂର୍ଯ୍ୟ, ସୌର ଝଡକୁ ସମ୍ମୁଖୀନ ହୋଇପାରିବ ତ ଇଣ୍ଟରନେଟ ସେବା ?

ଭୁବନେଶ୍ୱର, ୧୨।୭(ପି.ଏନ): ଆସନ୍ତା ୨ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୫ ବେଳକୁ ସୌର ଝଡ କାରଣରୁ ବନ୍ଦ ହୋଇଯିବ ଇଣ୍ଟରନେଟ ସେବା ! 'ଇଣ୍ଟରନେଟ୍ ଆପୋକ୍ଲିପ୍ସ'(ଇଣ୍ଟରନେଟ ସେବା ନଷ୍ଟ)କୁ ନେଇ ବର୍ତ୍ତମାନ ସୋଶାଲ ମିଡିଆରେ ଚ୍ଚର୍ଚ୍ଚା ଜୋର୍ ଧରିଛି । ଯଦି ସୌର ଝଡ ହୁଏ ତେବେ ସଂଚ୍ଚାର ଯୋଗାଯୋଗ ବାଧାପ୍ରାପ୍ତ ହେବ, ବର୍ତ୍ତମାନର ଇଣ୍ଟରନେଟ ଯୁଗରେ ବଞ୍ଚୁଥିବା ପ୍ରାଣୀ କ'ଣ କରିବ ତାକୁ ନେଇ ଖୁବ୍ ଆଲୋଚ୍ନା ହେଉଛି ।ଏନେଇ ୱାସିଂଟନ୍ ? ପୋଷ୍ଟରେ ଏକ ଖବର ପ୍ରକାଶ ପରେ ଏହି ଆଲୋଚ୍ନା ଆହୁରି ବଢ଼ିଛି। ରିପୋର୍ଟ ମୁତାବକ, ୨୦୨୫ରେ ସୂର୍ଯ୍ୟ ତାହାର ସୋଲାର ମ୍ୟାକ୍ସିମମ ଅର୍ଥାତ୍ ବିଶେଷ ସକ୍ରିୟ ଅବଧି ସ୍ଥିତିରେ ଆସିଯିବ। ଯାହାକୁ ସାମ୍ନା କରିବାକୁ ଆଜିକାର ଡିଜିଟାଲ ଦୁନିଆ ପ୍ରସ୍ତୁତ ନୁହେଁ। ଇଣ୍ଟରନେଟ୍ ଆପୋକ୍ଲିପ୍ସ ଭଳି ଶବ୍ଦକୁ ନେଇ ସୋଶାଲ ମିଡିଆ ବ୍ୟବହାରକାରୀଙ୍କ ଭିତରେ ମଧ୍ୟ ବିଭିନ୍ନ ଆଶଙ୍କା ଓ ଚ୍ଚର୍ଚ୍ଚା ହେଉଛି।

## ହାଇସ୍କୁଲ ୟୁନିଫର୍ମ ରଙ୍ଗକୁ ନେଇ ଜୋର୍ ଧରିଲା ରାଜନୀତି, ବିଜେପି ଓ କଂଗ୍ରେସର ବିରୋଧ

ଭୁବନେଶ୍ୱର, ୧୨।୭(ପି.ଏନ): ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀରେ ପ?ୁଥିବା ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ପରିବର୍ତ୍ତନ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନେଇ ଏବେ ରାଜନୀତି ଜୋରଦାର ହୋଇଛି । ସ୍କୁଲ ୟୁନିଫର୍ମକୁ ସବୁଜ ରଙ୍ଗ କରି ଛାତ୍ରଛାତ୍ରୀଙ୍କୁ ଦଳୀୟ ଭାବନାରେ ପରୋକ୍ଷରେ ଟାଣିବା ଲଜ୍ଜାଜନକ ବୋଲି ଉଭୟ ବିଜେପି ଓ କଂଗ୍ରେସ ଅଭିଯୋଗ କରିଛନ୍ତି ।ବିଜେପି ବିଧାୟକ ସୂରଜ ସୂର୍ଯ୍ୟବଂଶୀ ଆଜି ଟ୍ୱିଟ୍ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଏନେଇ କଡା ସମାଲୋଚ୍ନା କରି କହିଛନ୍ତି ଯେ, ଛାତ୍ରଛାତ୍ରୀମାନଙ୍କୁ ନେଇ ବିଜେଡି ସରକାର ଯେଉଁ ରାଜନୀତି କରୁଛନ୍ତି ସେଥିପାଇଁ ଓଡିଶାବାସୀ କଦାପି କ୍ଷମା ଦେବେ ନାହିଁ । ଓଡିଶା ସରକାର ଦଳୀୟ ଭାବନାରେ ପିଲାଙ୍କ ସମ୍ପୂର୍ଣ୍ଣ ୟୁନିଫର୍ମକୁ ସବୁଜ କରିବା ପାଇଁ ଚ୍ନିତା କରିବା ଏବଂ ତା' ଉପରେ 'ଆମେ ଗ?ିବୁ ନୂଆ ଓଡିଶା' ଷ୍ଟିକର ମାରିବା ଦୁଃଖଦାୟକ । ପୂର୍ବରୁ ଓଡିଶା ସରକାର ୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ସ୍କୁଲ ଓ କଲେଜ ଆଦିକୁ ସବୁଜ ରଙ୍ଗ କରିବା ପରେ ଏବେ ସ୍କୁଲ ୟୁନିଫର୍ମର ରଙ୍ଗ ସବୁଜ କରିବା ପାଇଁ ନିଷ୍ପତି ନେବା ଦୁଃଖର ବିଷୟ । ଓଡିଶା ସରକାର ଗତ ୧୦ ତାରିଖରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ବଦଳାଇବା ନେଇ ଏକ ଆଡଭାଇଜାରୀ ଜାରି କରିଛନ୍ତି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ । ଆଡଭାଇଜାରୀ ଅନୁସାରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ଧଳା ଓ ଘନନୀଳ ବଦଳରେ 'ହଂଟର ଗ୍ରିନ୍ ?' ରଙ୍ଗର ପୋଷାକ କରିବାକୁ ଯାଉଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ 'ସମଗ୍ର ଶିକ୍ଷା' ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସ୍କୁଲ ୟୁନିଫର୍ମ ପାଇଁ ଓଡିଶାକୁ ବାର୍ଷିକ ପ୍ରାୟ ୨୪୦ କୋଟି ଟଙ୍କା ଅନୁଦାନ ମିଳୁଛି । କେନ୍ଦ୍ର ଦେଉଥିବା ଅର୍ଥ ଉପରେ ରାଜ୍ୟ ସରକାର ନିଜର ଷ୍ଟିକର ମାରିବାର ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା ପର ଘର ଡିଅଣରେ ଅତିଥି ସତ୍କାର ସଦୃଶ ।



## ପାଣ୍ଡିଆନଙ୍କ ପତ୍ନୀଙ୍କ ଉପରେ ବର୍ଷିଲା ବିଜେପି, କହିଲା ପ୍ରଶାସନିକ ମାଫିଆଙ୍କ କବଜାରେ ଓଡିଶା

ଭୁବନେଶ୍ୱର, ୧୨।୭(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚ୍ଚିବ ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରି ଆସୁଥିବା ବିଜେପି ଆଜି ପ୍ରଥମଥର ପାଇଁ ପାଣ୍ଡିଆନଙ୍କ ପତ୍ନୀ ତଥା ରାଜ୍ୟ ମିଶନ ଶକ୍ତି ବିଭାଗର ସଚ୍ଚିବ ସୁଜାତା ଆର କାର୍ତ୍ତିକେୟନଙ୍କୁ କଡା ଭାଷାରେ ସମାଲୋଚ୍ନା କରିବା ସହ ଓଡିଶା ଏବେ ପ୍ରଶାସନିକ ମାଫିଆଙ୍କ କବଜାରେ ବୋଲି ଅଭିଯୋଗ କରିଛି । ଦଳ ପକ୍ଷରୁ ଏକ ୨୧.୦୮ ମିନିଟର ଏକ ଅଡିଓ ଭାଇରାଲ କରାଯାଇ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କିଭଳି ଅଶାଳୀନ ଶବ୍ଦ ପ୍ରୟୋଗ କରି ପ୍ରତ୍ୟେକ ଓଡିଆଙ୍କୁ ଅପମାନିତ କରୁଛନ୍ତି ବୋଲି ବିଜେପି କହିଛି । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ଯେତେବେଳେ କୌଣସି ଯୋଜନା ସରକାରୀ ଦଳର ରାଜନୀତିକ ଦଳର ନ୍ୟସ୍ତ ସ୍ୱାର୍ଥ ପାଇଁ ନିର୍ବାଚ୍ନୀ ଏଜେଣ୍ଡା ପାଲଟିଯାଏ, ସେତେବେଳେ ତାହା ମୂଳ ଲକ୍ଷ୍ୟରୁ ଓହରିଯାଏ ଓ ଏହା ଜନକଲ୍ୟାଣକାରୀ ହୋଇପାରେ ନାହିଁ । ଠିକ୍ ସେମିତି ଓଡିଶାରେ ମହିଳା ସଶକ୍ତିକରଣ ଓ ମିଶନ ଶକ୍ତି ତା'ର ମୂଳଲକ୍ଷ୍ୟରୁ ପଥଭ୍ରଷ୍ଟ ହୋଇଛି । ମୁଖ୍ୟମନ୍ତ୍ରୀ ଓ ତାଙ୍କୁ ଘେରି ରହିଥିବା ପ୍ରଶାସନିକ ମାଫିଆମାନେ ଭଲଭାବେ ହୃଦୟଙ୍ଗମ କରିବା ଆବଶ୍ୟକ । ଦୀର୍ଘ ୨୩ ବର୍ଷର ନିରୁଙ୍କଶ ଶାସନ କ୍ଷମତାରେ ରହିବା ପରେ ବିଜେଡି ସରକାର ମାଫିଆ ବା ତସ୍କରମାନଙ୍କ ଅଧିନରେ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଜମି, ମଦ, ଚ୍ଟିଫଣ୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, ଖଣି ସମେତ ସବୁ ବର୍ଗର ମାଫିଆଙ୍କ କବଳରେ ଓଡିଶା । ଏବେ ଏହି ତାଲିକାରେ ପ୍ରଶାସନିକ ମାଫିଆଙ୍କ ଫରଦ୍ଦ ଯୋଡି ହୋଇଯାଇଛି । ଶ୍ରୀ ପଣ୍ଡା ମିଶନ ଶକ୍ତିର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ବୈଠକରେ ବିଭାଗୀୟ ସଚ୍ଚିବ ସୁଜାତା କାର୍ତ୍ତିକେୟନଙ୍କ ଭାଷଣର ଏକ ଅଡିଓ ରେକର୍ଡିଂ ଶୁଣାଇ କହିଛନ୍ତି ଯେ, ମିଶନ ଶକ୍ତିକୁ ଶାସକ ବିଜେଡିର ଦଳୀୟ କାର୍ଯ୍ୟରେ ଲଗାଇବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ଉଦ୍ୟମ କରୁଛନ୍ତି ଓ ଏହାର ନେତୃତ୍ୱ ନେଉଛନ୍ତି ବିଭାଗୀୟ ସଚ୍ଚିବ ସୁଜାତା ଆର କାର୍ତ୍ତିକେୟନ୍ । ମିଶନ ଶକ୍ତିର ଅଧିକାରୀମାନଙ୍କ ବୈଠକରେ ଯୋଗ ଦେଇ ମିଶନ ଶକ୍ତି ସଚ୍ଚିବ ଦେଇଥିବା ବକ୍ତବ୍ୟର ଭାଷା ସମସ୍ତଙ୍କୁ ଆଚ୍ଚମ୍ବିତ କରିଛି । 'ବୁଲସିଟ୍ ?', 'ରବିସ୍ ?' ଭଳି ଅଶ୍ଳୀଳ ଓ ଅଶାଳୀନ ଶବ୍ଦର ପ୍ରୟୋଗ କରି ବିଭାଗୀୟ ସଚ୍ଚିବ ପ୍ରତ୍ୟେକ ଓଡିଆଙ୍କୁ ଅପମାନିତ କରିଛନ୍ତି । ସରକାରୀ ଦଳର ଏଜେଣ୍ଡାକୁ ସଠିକ ଭାବେ କାର୍ଯ୍ୟକାରୀ ନକଲେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯିବ । ଲକ୍ଷ୍ମୀ ଯୋଜନା, ବିଏସକେୱାଇ ଯୋଜନାରେ ଏସଏଜି ମହିଳାଙ୍କୁ ଯୋଡିବା ପାଇଁ ଚ୍ପି ବେସ୍ ସ୍ମାର୍ଟକାର୍ଡ ଦିଆଯିବ । ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଭୋଟରମାନଙ୍କୁ କଳାଟଙ୍କା ପଠାଇବାର ସୁଚ୍ନିତିତ ଯୋଜନା ପ୍ରସ୍ତୁତ କରାଯାଉଛି । ସେହିପରି ଯେଉଁମାନେ ଭଲ କାମ କରିବେ, ସେମାନଙ୍କୁ ଦୁବାଇ, ସିଙ୍ଗାପୁର ବୁଲାଇବାକୁ ନିଆଯିବ ବୋଲି ମଧ୍ୟ ମିଶନ ଶକ୍ତି ସଚ୍ଚିବ କହୁଥିବା ଶୁଣିବାକୁ ମିଳୁଛି ।



## ଭେଷଜ ନିରୀକ୍ଷକ ଅଫିସରେ ବିକଳ ଚିତ୍ର, ସହରରେ ନକଲି, ବେନାମୀ ମେଡିସିନ ହାଉଜାଉ

ରାଉରକେଲା, ୧୧୨।୭(ପି.ଏନ): ମଣିଷର ଦେହ ଖରାପ ହେଲେ ସେ ଡାକ୍ତରଙ୍କ ପାଖକୁ ଯିବ, ଡାକ୍ତର ଲେଖୁଥିବା ମେଡିସିନକୁ ରୋଗୀ ମେଡିସିନ ଦୋକାନରୁ ନେବ, ହେଲେ ସେ ନେଉଥିବା ମେଡିସିନ କେତେ ଠିକ କେତେ ଭୁଲ ତାକୁ ଜାଣିବାଲାଗି ରୋଗୀ ପାଖରେ ବାଟ ପ୍ରାୟ ନଥାଏ । ଏହି ସବୁ ସମସ୍ୟାର ସମାଧାନ ଲାଗି ସରକାର ରଖିଛନ୍ତି ଭେଷଜ ବିଭାଗ, ଏଠାରେ ଅନେକ ଅଧିକାରୀ ଏହି ବିଭାଗ ଲାଗି କାମ କରନ୍ତି ଓ ନିୟମ ଅନୁଶାରେ ମେଡିସିନ ଦୋକାନୀ ।ଡାକ୍ତରଖାନା ଚାଲିଛନ୍ତି କି ନାହିଁ କଂପାନୀ ଗୁଡିକ ବଜାରକୁ ପଠାଉଥିବା ମେଡିସିନ ଗୁଡିରେ ମାନ ଠିକ ଅଛି କି ନାହିଁ ଲୋକେ ନେଉଥିବା ମେଡିସିନ ଗୁଡିକର ବିଲ ଦିଆଯାଉଛି କି ନାହିଁ ତାହାର ଯାଂଚ କରିବା ଲାଗି ପ୍ରତି ସହରରେ ଭେଷଜନୀରୀକ୍ଷକ ମାନଙ୍କୁ ନିୟୁକ୍ତ କରାଯାଇଛି । ହେଲେ ରାଉରକେଲା ଭଳି ସହରରେ ଏହି ନିରୀକ୍ଷକ ଙ୍କ ଅଫିସ ସେକ୍ଟର ୬ ରେ ଥିବା ବେଳେ ଆଜି ସେ ଅଫିସରେ ସବୁ ଚେୟାର ଖାଲି ପଡିଥିବା ବେଳେ, ଜଣେ ଠିକା କର୍ମଚାରୀ ଅଫିସ କୁ ଜଗି ରହିଥିବା ଦେଖାଯାଇଥିଲା, ଭେଷଜ ନୀରିକ୍ଷକ ଫିଲ୍ଡରେ ବୋଲି ସେ ସୁଚନା ଦେଇଥିଲେ, ହେଲେ ତାଙ୍କ ମୋବାଇଲ ସୁଇଚ ଅଫ ଥିବା ଜଣାପଡିଥିଲା ।ମେଡିସିନ ଭଳି ଅତି ଗୁରୁତ୍ୱ ପୁର୍ଣ ସାମଗ୍ରୀ କୁ କିଣା ବିକା କରୁଥିବା ଓ ପରିଚାଳନା କରୁଥିବାସଂସ୍ଥା କୁ ଦେଖିବା ଲାଗିଥିବା ବିଭାଗର ରାଉରକେଲା ଅଫିସର ଯଦି ଏଭଳି ଚିତ୍ର ତାହା ହେଲେ ଲୋକେ ଭରଷା କରିବେ କାହାକୁ ବୋଲି ପ୍ରଶ୍ନ ହେବା ସ୍ୱଭାବିକ କଥା । ତେବେ ଏହି ଅଫିସ ଆଗରୁ ପୁରା ଜିଲ୍ଲା ସମ୍ଭାଳୁଥିବା ବେଳେ ଏବେ ରାଜଗାଂଗପୁର ସୁନ୍ଦରଗଡ କୁ ଅଲଗା କରି ଅନ୍ୟ ଜଣେ ଡିଆଇ ଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ତେବେ ରାଉରକେଲା ଅଫିସରେ ମୁଖ୍ୟ କିରାଣୀ, କିରାଣୀ ପିଅନ ପଦବୀ ଠିକା ରେ ଚାଲିଥିବା ବେଳେ କେବଳ ନିତମିତ ଭାବେ ଜଣେ ଡିଆଇ ରହିଛନ୍ତି । ସରକାର କର୍ମଚାରୀ ଦେଇ ପାରୁନଥିବା ବେଳେ ରାଉରକେଲାରେ ପୁଣି ଜଣେ ଏଡିସି ଅଫିସ ଖୋଲିବାକୁ ଯାଉଥିବା ଖବର ମିଳିଛି । ସରକାର ବିନା ନିୟମିତ କର୍ମଚାରୀ ରେ ଏହି ବିଭାଗର ଅଫିସ ସଂଖ୍ୟା ବଢାଇ ଚାଲିଥିବା ବେଳେ ରାଉରକେଲା ସହରରେ ବର୍ତମାନ ନକଲି, ବେନାମୀ ମେଡିସିନ ହାଉଯାଉ ହେବାରେ ଲାଗିଛି । ବିଶେଷ କରି ଜ୍ୱର, ଥଣ୍ଡା, କାଶ, ଗ୍ୟାସ ଭଳି ରୋଗର ଉପଚାର ଲାଗି ମେଡିସିନ ଯାଗାରେ ସହରର ଦୋକାନୀ ମାନେ ବେନାମୀ, ନକଲି ମେଡିସନ ଗୁଡିକ ବିକିଚାଲିଛନ୍ତି । ଏହି ସବୁ ରୋଗ ଲାଗି ମେଡିସିନ ଡାକ୍ତର ଲେଖୁଥିବା ବେଳେ ସେହି ମେଡିସିନ ର ସବଷ୍ଟିଚ୍ୟୁଟ ମେଡିସନ ବୋଲି ଦର୍ଶାଇ ବିନା ବିଲରେ ରୋଗୀ ମାନଙ୍କୁ ଏହି ନକଲି ବେନାମୀ ମେଡିସିନ ଗିଡିକ ବିକା ଚାଲିଛି । ବର୍ତମାନ ବର୍ଷା ରୁତୁ ସହ ପାଗ ବଦଳିବା ଓ ରୁତୁ ପରିବର୍ତନର ସମୟ, ତେଣୁ ଏଭଳି ରୋଗ ବଢିଚାଲିଥିବା ବେଳେ ଏହିଭଳି ନକଲି, ବେନାମୀ ମେଡିସିନ ବେପାର ଆଖିବୁଜା ଚାଲିଛି । ଉଦାହରଣ ସ୍ୱରୁପ ଯଦି ଗ୍ୟାସ ଲାଗି ପେଟଂପ ଡିଏସଆର ଲେଖା ଯାଇଛି ରୋଗୀକୁ ଦିଆଯାଉଛି ପେଟଂକ ଡିଏସଆର । ଖାଲି ଏହି ମେଡିସିନ କିମ୍ବା ଏହି ରୋଗ ନୁହେଁ ଅନେକ ନାମୀ ଦାମୀ କଂପାନୀର ଆଂଟିବାୟୋଟିକ ଡାକ୍ତର ମାନେ ଲେଖିଲେ ବି ସେ ସବୁ ମେଡିସିନ ବଦଳରେ ଅନେକ ବେନାମୀ ଆଂଟିବାୟୋଟିକ ରୋଗୀ ମାନଙ୍କୁ ଚଢା ଦରରେ ବିକା ଚାଲିଛି । ଫଳରେରୋଗୀ ବାରମ୍ବାର ଡାକ୍ତର ପାଖକୁ ଦଉଡିବା ସହ ମେଡିସିନ ଭଳି ଜୀବନ ରକ୍ଷା କାରୀ ସାମଗ୍ରୀ ଉପରୁ ସେମାନଙ୍କର ଭରଷା ତୁଟି ଯାଉଛି । ଖାଲି ଏତିକି ନୁହେଁ ଦୁର୍ଘଟଣ ହେଉ କିମ୍ବା ଖଣ୍ଡିଆ ଖାବରା ହୋଇଗଲେ ସେଥିରେ ଲାଗୁଥିବା ଅୟେଂଟପେଟଂ ଗୁଡିକ ମଧ୍ୟ ନକଲି ଅଧିକରୁ ଅଧିକ ବ୍ୟବହାର ଚାଲିଥିବା ଅଭିଯୋଗ ହେଉଛି । ଏ ସମସ୍ତ ମେଡିସିନ କିଣା ବେଳେ ମେଡିସିନ ଦୋକାନୀ ମାନେ ବିଲ ମଧ୍ୟ ଦେଉନଥିବା ଦେଖାଯାଉଛି । କେତେକ ନାମୀ ଦୋକାନୀ କିନ୍ତୁ ଏସବୁ ଭୁଲ କରୁନଥିବା ଜଣାପଡିଛି । ସହରରେ ଥିବା ମେଡିସିନ ଦୋକାନୀ ମାନେ କଫସିରଫ ଭଳି ମେଡିସିନ କୁ ନିଶାଡି ମାନଙ୍କୁ ଆଖିବୁଜା ବିକୁଥିବା ଦେଖାଯାଉଛି । ଏହି କଫସିରଫ ଗୁଡିକରୁ ୨ଟି ପିଇ ଦେଲେ କୁଆଡେ ବିଦେଶୀ ମଦ ବୋତଲ ର ମଜା ମିଳୁଥିବାରୁ ବାସନା ହେବା ରୁ ବଂଚିଜିବା ଲାଗି ଏହାକୁ ନିଶାଡି ମାନେ ବ୍ୟବହାର କରୁଛନ୍ତି । ତେଣୁ ମେଡିସିନ ଦୋକାନ ଗୁଡିକରେ ରୋଗୀ ମାନଙ୍କ ଅପକ୍ଷା ନିଶାଡି ମାନଙ୍କ ଭିଡ ଅଧିକ ଲାଗୁଛି । ଜଣେ ମେଡିସିନ ଦୋକାନୀ ନାମ ଲୁଚାଇ କହିଛନ୍ତି ଏହା ସାଧାରଣ କଥା, ଆମ ବିଭାଗର ଜଣେ ପୁର୍ବତନ ଡିଆଇ ଯାଂଚ ଲାଗି ଆସିଲେ ଆଗ ୨ଟି କଫ ସିରଫ ପାନ କଲା ପରେ ଯାଂଚ କାମ ଆରମ୍ଭ କରୁଥିଲଲେ । ଏହି ଭଳି ନକଲି କାରବାର ଭିତରେ ସହରରେ ଥିବା ପ୍ରାୟ ୮୦୦ ଦୋକାନ ହୋଲସେଲ ମାନଙ୍କ ଭିତରୁ ଅନେକ ଏବେ ବିନା ଲାଇସେନ୍ସରେ ବେପାର ଚଳାଇଥିବା ଖବର ମିଳିଛି । ଯଦିଓ ଏମାନେ ଆଗରୁ ଲାଇସେନ୍ସ ନେଇଥିଲେ ଏବେ ତାକୁ ରିନୁଆଲ କରୁନଥିବାର ଖବର ମିଳିଛି । କାରଣ ପୁର୍ବରୁ ଏଠି ଜିଏ ଡିଆଇ ଥିଲେ ସିଏ କୁଆଡେ ରାଜ୍ୟର ମୁଖ୍ୟ, ତେଣୁ ସେମାନେ ବିନା ଲାଇସେନ୍ସରେ ନକଲି ମେଡିସିନ ବିକା ସହ ମନ ଇଛା କାରବାର କଲେ ମଧ୍ୟ ତାଙ୍କର କିଛି ହେବାର ନାହିଁ ବୋଲି କହୁଥିବା କୁହାଯାଉଛି ।

## ଶ୍ରାବଣରେ ଜମି ଫାଟି ଆଁ, ମୁଖ୍ୟ ଶାସନ ସଚ୍ଚିବ କହିଲେ ଆମେ ଜାଣିଛୁ; କୃଷି ବିଶେଷଜ୍ଞ ଦେଲେ ପରାମର୍ଶ

ଭୁବନେଶ୍ୱର, ୧୨।୭(ପି.ଏନ): ଶ୍ରାବଣରେ ଜମି ଫାଟି ଆଁ କରିଛି। ରାଜ୍ୟର ୨୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା। ପାଖାପାଖି ୪୦ ପ୍ରତିଶତ ଜମିରେ ଏଯାଏଁ ଆରମ୍ଭ ହୋଇପାରିନି ଧାନ ଚ୍ଚାଷ। ଯେଉଁଠି ବି ତଳି ଉଠିଛି ହଳଦିଆ ପଡିଲାଣି। ଏମିତି ସ୍ଥିତିରେ ସ୍ୱଳ୍ପ ମିଆଦୀ ଧାନ ଚ୍ଚାଷ ଲାଗି ପରାମର୍ଶ ଦେଲେଣି କୃଷି ବିଶେଷଜ୍ଞ। ହେଲେ ସରକାର କହୁଛନ୍ତି, ଏବେ ବି ମରୁଡି ସ୍ଥିତି ଆସିନି। ଉପଯୁକ୍ତ ସମୟରେ ପଦକ୍ଷେପ ନେବେ ସରକାର।ଧାରା ଶ୍ରାବଣରେ ମୁଣ୍ଡରେ ହାତ ଦେଇ ବସିଛି ଚ୍ଚଷା ପୁଅ। ମାଟି ଫାଟି ଆଁ କଲାଣି। ଧାନ ବିଲରେ ଗଜା ମରୁଡି ସ୍ଥିତି। ବର୍ଷା ଟିକେ ପାଇଁ ବିଲ ହିଡରେ ଆକାଶର ଭରସା ବାଦଲକୁ ଅନେଇ ରହିଛି ଚ୍ଚାଷୀ ବାପୁଡା। କ'ଣ ହେବ ଆଗକୁ, କିଛି କୂଳ କିନାରା ପାଉନି।



## ରାହୁଲ ଗାନ୍ଧୀଙ୍କ ସମର୍ଥନରେ କଂଗ୍ରେସର ମୌନ ସତ୍ୟାଗ୍ରହ

ଭୁବନେଶ୍ୱର, ୧୨।୭(ପି.ଏନ): ରାହୁଲ ଗାନ୍ଧୀଙ୍କୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକଠାରେ "ମୌନ ସତ୍ୟାଗ୍ରହ" ଅନୁଷ୍ଠିତ ହୋଇଯାଇଛି। ଏହି "ମୌନ ସତ୍ୟାଗ୍ରହ" ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସକାଳ ୧୦ଟା ରୁ ଅପରାହ୍ନ ୫ଘଂଟା ପର୍ଯ୍ୟନ୍ତ ଚାଲିଥିଲା ଏବଂ ସମସ୍ତେ ମୁହଁରେ କଳା ପଟି ବାନ୍ଧି ମୌନ ପ୍ରତିବାଦ ଜଣାଇଥିଲେ। ଏଥିରେ କଂଗ୍ରେସ ପ୍ରଭାରୀ ଡ. ଏ ଚେଲ୍ଲା କୁମାର ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ କର୍ମୀ ମାନଙ୍କର ସହଯୋଗ କଂଗ୍ରେସର ଶକ୍ତି। ଆଗାମୀ ଦିନରେ ଆପଣମାନଙ୍କର ସହଯୋଗ କଂଗ୍ରେସକୁ ଆହୁରି ଶକ୍ତିଶାଳୀ କରିବ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ଭଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମା'ଦକ୍ଷିଣ କାଳୀଙ୍କ ଶକ୍ତିପୀଠ କୋଲକାତା



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ସେ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ପୃଥିବୀରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି।



ଆଦି ଶକ୍ତିପୀଠ ଗୁଡ଼ିକ ମଧ୍ୟରେ କାଳୀଘାଟର କାଳୀ ମନ୍ଦିର ପୀଠ ଅନ୍ୟତମ। ହୁଗୁଳି ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିର ସାରା ପୃଥିବୀରେ ପ୍ରସିଦ୍ଧ। ଏହି ମନ୍ଦିର ସଂଲଗ୍ନ ଘାଟ କାଳୀଘାଟ ନାମରେ ବିଖ୍ୟାତ। ପୂର୍ବକାଳରେ ଗଙ୍ଗାଘାଟ ମନ୍ଦିର ସହିତ ଏକଦମ ଲାଗି ରହିଥିଲା। କିନ୍ତୁ ଏବେ ଏହା ଟିକେ ଦୂରରେ ରହିଛି। ଏହି ମନ୍ଦିର ୧୭ଶ ଶତାବ୍ଦୀର ବୋଲି କୁହାଯାଉଛି। କାଳୀଘାଟ କାଳୀ ମନ୍ଦିରର ଅନେକ ବିଶେଷତ୍ୱ ରହିଛି। କାଳୀଘାଟରେ ମା' ସତୀଙ୍କ ଡ଼ାହାଣ ପାଦର ଅଙ୍ଗୁଳି ପଡ଼ିଥିଲା। ପୁରାଣରେ କାଳୀଙ୍କୁ ଶକ୍ତିର ରୌଦ୍ରାବତାର ଭାବେ ପୂଜା କରାଯାଏ ଓ ପ୍ରତିମା ବା ମୂର୍ତିରେ ଦେବୀଙ୍କୁ ବିକଟାଳ ରୂପରେ ଦେଖାଯାଏ। ବେକରେ ମୁଣ୍ଡମାଳ ଓ ଅଂଟାରେ କଟା ହାତର ଘାଘରା ପିନ୍ଧିବା, ଗୋଟିଏ ହାତରେ ରକ୍ତଲଗା ଖଡ୍ଗ ଓ ଅନ୍ୟ ହାତରେ ଖପ୍ପର ଧାରଣ କରି ଶୋଇଥିବା ଭଗବାନ ଶଙ୍କରଙ୍କ ଉପରେ ଛିଡ଼ା ହୋଇ ଲମ୍ବା ଜିଭ ଦର୍ଶା ଯିବା





ଦେଖାଯାଏ। କିନ୍ତୁ କାଳୀଘାଟ ମନ୍ଦିରରେ ଦେବୀଙ୍କ ପ୍ରତିମାରେ ମା'କାଳିକା ଙ୍କ ମସ୍ତକ ଓ ଚାରି ହାତ ଦେଖାଯାଏ। ଏହି ପ୍ରତିମା ଏକ ଚତୁର୍ଭୁଜ ଆକାରର କଳା ପଥରରେ ତିଆରି କରାଯାଇଛି। ଏଠାରେ ଲାଲ୍ ବସ୍ତ୍ର ପିନ୍ଧିଥିବା ମା'କାଳୀଙ୍କ ଜିଭ ବହୁତ ଲମ୍ବା, ଯାହା ସୁନାରେ ତିଆରି ହୋଇଛି। ସେହିପରି ମା'ଙ୍କର ସୁନାର ଦାନ୍ତ। ଆଖି ତଥା ମୁଣ୍ଡ ଗେରୁଆ ସିନ୍ଦୁର ରଙ୍ଗର ହୋଇଥିବା ବେଳେ ମଥାରେ ମଧ୍ୟ ଗେରୁଆ ସିନ୍ଦୁରର ତିଳକ ରହିଛି। ମା'ଙ୍କ ପ୍ରତିମାର ହାତ ସ୍ୱର୍ଣ୍ଣ ଅଳଙ୍କାର ଓ ବେକ ଲାଲ୍ ଫୁଲର ମାଳାରେ ସୁସଜ୍ଜିତ। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ସହିତ ସିନ୍ଦୁର ମଧ୍ୟ ଦିଆଯାଏ।

କାଳୀଘାଟ କାଳୀ ମନ୍ଦିରର ଅପୂର୍ବ ପରମ୍ପରା ରହିଛି। ବଙ୍ଗଳାରେ କାଳୀପୂଜା ଦିନ ଯେଉଁଠି ଘର ଓ ମଣ୍ଡପରେ କାଳୀଙ୍କ ଆରାଧନା କରାଯାଏ, ସେଠାରେ ଏହ ଶକ୍ତିପୀଠରେ ଲକ୍ଷ୍ମୀସ୍ୱରୂପା ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ। ଦୁର୍ଗାପୂଜା ବେଳେ ଷଷ୍ଠିରୁ ଦଶମୀ ଯାଏ ମନ୍ଦିରରେ ଭକ୍ତଙ୍କର ପ୍ରବଳ ଭିଡ଼ ଲାଗିରହେ। ଦୁର୍ଗାପୂଜା ସମୟରେ ଦଶମୀ ତିଥିରେ ହିଁ ମହିଳା ମାନଙ୍କ ପାଇଁ ସିନ୍ଦୁର ଖେଳର ଭବ୍ୟ ଆୟୋଜନ ହୋଇଥାଏ। ଏହି ଲକ୍ଷ୍ମୀ ମନ୍ଦିରରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କେବଳ ମହିଳା ମାନେ ପ୍ରବେଶ କରିବାର ସୁଯୋଗ ପାଆନ୍ତି। ଏହି ସମୟରେ ପୁରୁଷ ମାନଙ୍କର ମନ୍ଦିର ପ୍ରବେଶ ସଂପୂର୍ଣ୍ଣ ନିଷେଧ ରହିଥାଏ। ଏଠାରେ ପ୍ରତିଦିନ ମା'କାଳୀଙ୍କ ପାଇଁ ଛପନ ଭୋଗ ଲଗା ଯିବାର ବ୍ୟବସ୍ଥା ରହିଛି। ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ।

ଦକ୍ଷିଣେଶ୍ୱର କାଳୀ ମନ୍ଦିର ଗଙ୍ଗାର ପୂର୍ବ ତଟରେ ଅବସ୍ଥିତ। ଏହା ମା'କାଳୀଙ୍କର ଏକ ଭବ୍ୟ ମନ୍ଦିର ଭାବେ ଖ୍ୟାତ। ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ୧୮୪୭ ଶତାବ୍ଦୀରେ ଆରମ୍ଭ ହୋଇଥିଲା। କୁହାଯାଏ ଯେ, ଜାନ୍ ବଜାରର ମହାରାଣୀଙ୍କୁ ସ୍ୱପ୍ନରେ ମା'କାଳୀ ମନ୍ଦିର ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଏହି ଭବ୍ୟ ମନ୍ଦିରରେ ମା'ଙ୍କର ମୂର୍ତି ଶ୍ରଦ୍ଧାର ସହ ସ୍ଥାପିତ ହୋଇଛି। ୧୮୫୫ ରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହେଇଥିଲା। ଏହି ମନ୍ଦିର ୨୫ ଏକର ଜମି ଉପରେ ଅବସ୍ଥିତ। ଦକ୍ଷିଣେଶ୍ୱର ମା'କାଳୀ ମନ୍ଦିରର ଭିତର ଭାଗରେ ରୂପାରେ ତିଆରି ଏକ ପଦ୍ମ ଫୁଲ ଭିତରେ ରହିଛି ଏକ ହଜାର ପାଖୁଡ଼ା, ଯାହାର ଅପରୂପ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ଜମେ। ଏହି ପଦ୍ମ ଫୁଲ ଉପରେ ମା'କାଳୀ ନିଜ ଅସ୍ତ୍ରଶସ୍ତ୍ର ଧରି ଭଗବାନ ଶିବଙ୍କ ଉପରେ ଛିଡ଼ା ହୋଇଥିବା ଦେଖାଯାଏ। ମା'କାଳୀଙ୍କ ମନ୍ଦିର ନବରତ୍ନ ଭଳି ନିର୍ମିତ ହୋଇଛି। ଏହାର ଓସାର ୪୬ ଫୁଟ ଓ ଉଚ୍ଚତା ୧୦୦ଫୁଟ।

ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ୧୨ ଟି ଗମ୍ବୁଜ ରହିଛି। ଏହି ବିଶାଳ ମନ୍ଦିରର ଚାରିପାଖରେ ଭଗବାନ ଶିବଙ୍କର ୧୨ ଟି ମନ୍ଦିର ସ୍ଥାପିତ ହୋଇଛି। ମା'କାଳୀଙ୍କ ମନ୍ଦିର ବିଶାଳ ସୌଧ ଭଳି ମଜଭୁତ ଚଟାଣ ଉପରେ ରହିଛି।

ଦୁର୍ଗାପୂଜା ବେଳେ କୋଲକାତାର କାଳୀଘାଟ ଓ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ଅପରୂପ



ଶୋଭା ଦେଖିବା ଭଳି ହୋଇଥାଏ। ସେଥିପାଇଁ ଦେଶ ବିଦେଶର ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା'ଙ୍କ କାଳୀପୂଜା ବେଳେ କୋଲକାତା ଆସିଥାନ୍ତି। ନବରାତ୍ରିରେ ଏଠାରେ ମୂଳ ପୂଜା ଠାରୁ ଆରମ୍ଭ କରି ସିନ୍ଦୁର ଖେଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# ——ପ୍ଲାଷ୍ଟିକ ଜହର——

ପ୍ଲାଷ୍ଟିକ ଏତେ ଭୟଙ୍କର ଯେ ଏଥିପାଇଁ ଉଭୟ ପ୍ରକୃତି ଆଉ ପ୍ରାଣୀଜଗତର ଅନେକ ପ୍ରକାରର କ୍ଷତି ହୋଇ ଚାଲିଛି। ପ୍ରକୃତି ସବୁ ସ୍ତରରେ ପ୍ରଦୂଷିତ ଏଇ ପ୍ଲାଷ୍ଟିକ ପାଇଁ। ପ୍ଲାଷ୍ଟିକ ଆବର୍ଜନା ଯୋଗୁଁ ଆଜି ମାଟିର ଗୁଣବତ୍ତା ନଷ୍ଟ, ନଦୀ ସମୁଦ୍ର ପାଣି ପ୍ରଦୂଷିତ। ଅନେକ ସ୍ଥାନରେ ନଦୀର ପଥରୋଧ କରିଛି ଏଇ ପ୍ଲାଷ୍ଟିକ। ଜଳସ୍ତର କମିଯିବାର ଅନେକ କାରଣ ମଧ୍ୟରୁ ପ୍ଲାଷ୍ଟିକ ବି ଅନ୍ୟତମ। ପରିବେଶ ପାଇଁ ପ୍ଲାଷ୍ଟିକ ଏତେ ଭୟଙ୍କର ବୋଲି ଏବେ ଆମେ ବୁଝିବାକୁ ସକ୍ଷମ ହେଲେଣି। କିନ୍ତୁ ପ୍ଲାଷ୍ଟିକର ବ୍ୟବହାର ପ୍ରତି ଆମେ ଏତେ ଅଭ୍ୟସ୍ତ ଯେ, ହଠାତ୍ ଏହାକୁ ଛାଡ଼ି ଜୀବନ ଧାରଣ କରିବା କଥା କେହି ହୁଏତ ଭାବି ପାରିବେ ନାହିଁ। ତେବେ ପ୍ଲାଷ୍ଟିକ ଯେ ଆମ ପାଇଁ ଭୟଙ୍କର ବିଷ ଭଳି ଜୀବନକୁ ନଷ୍ଟ କରିଚାଲିଛି ଏକଥା ଲୋକେ ନ ବୁଝିବା ପର୍ଯ୍ୟନ୍ତ କେହି ବି ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିପାରିବେ ନାହିଁ। ଫଳରେ ଏମିତି ଦିନକୁ ଟନ୍ ଟନ୍ ପ୍ଲାଷ୍ଟିକ ଆବର୍ଜନା ସୃଷ୍ଟି ହୋଇଚାଲିଥିବ। ତେଣୁ ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ।

**ସବୁଠୁ ବଡ଼ ସମସ୍ୟା:** ଏବେ ପୃଥିବୀର ତାପମାତ୍ରା ବଢ଼ିବାରେ ଲାଗିଛି। ପ୍ରଦୂଷଣ ବଢ଼ିବାରେ ଲାଗିଛି। ତେଣୁ ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ ହେଲେ ପ୍ରଚୁର ପରିମାଣରେ ଗଛ ଲଗାଇବାକୁ ପଡ଼ିବ। ତେବେ ଏସବୁ ସମସ୍ୟା ଠାରୁ ଗୁରୁତର ସମସ୍ୟା ହେଉଛି ପ୍ଲାଷ୍ଟିକ ସମସ୍ୟା। ପ୍ରାୟତଃ ସବୁ ପ୍ରକାରର ପ୍ରଦୂଷଣରେ ପ୍ଲାଷ୍ଟିକ୍‌ର ଯଥେଷ୍ଟ ଭୂମିକା ରହିଛି। ପରିବେଶ ପାଇଁ ପ୍ଲାଷ୍ଟିକ ଏତେ ଭୟଙ୍କର ପାଲଟିଛି ଯେ, ଏନେଇ ବିଶ୍ୱବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏଥର ବିଶ୍ୱ ପରିବେଶ ଦିବସରେ ଜାତିସଂଘର ଥିମ୍ ରହିଥିଲା 'ବିଟ୍ ପ୍ଲାଷ୍ଟିକ ପଲ୍ୟୁସନ୍'।

**ସବୁଠୁ ଅଧିକ ଆବର୍ଜନା:** ବିଶ୍ୱରେ ଏବେ ସବୁଠୁ ବେଶୀ ଆବର୍ଜନା ହେଉଛି ପ୍ଲାଷ୍ଟିକ ଜୋତାର। ଏହାପରେ ପାଣି ବୋତଲ, ପରେ ବିଭିନ୍ନ ପ୍ରକାରର ଖାଦ୍ୟର ଖୋଳ ଏବଂ ଷ୍ଟ୍ର ଆବର୍ଜନା ଅଧିକ ରହିଛି। ଆମେରିକାରେ ପ୍ରତିଦିନ ୫୦ କୋଟି ପ୍ଲାଷ୍ଟିକ ଷ୍ଟ୍ର ବ୍ୟବହାର ହୋଇଥାଏ। ଯଦି ଏହି ପ୍ଲାଷ୍ଟିକ ଷ୍ଟ୍ରକୁ ପୋଡ଼ି ଦିଆଯାଏ ତେବେ ପୃଥିବୀକୁ ଦୁଇଥର ଗୁଡ଼ାଇବାକୁ ସକ୍ଷମ ହୋଇପାରିବ। ଏବେ ଆମେ ଅଧିକାଂଶ ପ୍ଲାଷ୍ଟିକ୍ ଜିନିଷ ବ୍ୟବହାର କରୁଛୁ। କିନ୍ତୁ ଏଇ ପ୍ଲାଷ୍ଟିକ୍ ଏବେ ପୃଥିବୀ ପାଇଁ ଏକ ବିରାଟ ବଡ଼ ବୋଝ ପାଲଟିଗଲାଣି। ପ୍ରତିବର୍ଷ ୮ ମିଲିଅନ୍ ଟନ୍ ପ୍ଲାଷ୍ଟିକ୍ ସମୁଦ୍ର ମଧ୍ୟକୁ ଯାଉଛି। ୧୦ଟି ନଦୀ ମଧ୍ୟ ଦେଇ ୯୦ ପ୍ରତିଶତ ପ୍ଲାଷ୍ଟିକ୍ ଯାଉଛି ସମୁଦ୍ରକୁ। ତେବେ ସବୁଠୁ ଅଧିକ ଆବର୍ଜନା ଛାଡୁଥିବା ତିନୋଟି ମୁଖ୍ୟ ନଦୀ ହେଉଛି ଗଙ୍ଗାନଦୀ, ସିନ୍ଧୁ ଓ ବ୍ରହ୍ମପୁତ୍ର। ଅନୁସନ୍ଧାନକାରୀଙ୍କ ମତରେ ଯଦି ଏହି ହାରରେ ଆବର୍ଜନା ସୃଷ୍ଟି ହେବ ତେବେ ୨୦୫୦ ବେଳକୁ ସମୁଦ୍ରରେ ମାଛ ମାନଙ୍କ ସଂଖ୍ୟାରୁ ପ୍ଲାଷ୍ଟିକ୍ ଅଧିକ ହୋଇଯାଇଥିବ।

**ପ୍ଲାଷ୍ଟିକ୍ ଭୋଜନ:** ଏବେ ଅଧିକାଂଶ ଗାଈଗୋରୁ ପ୍ଲାଷ୍ଟିକ୍ ଜରିରେ ଥିବା ଖାଦ୍ୟକୁ ଜରି ସହ ଖାଇ ଦେଉଛନ୍ତି। ଖୋଲା ସ୍ଥାନରେ ଏଭଳି ପ୍ଲାଷ୍ଟିକ ଖାଇବା ଫଳରେ ଅଧିକାଂଶ ଗାଈଗୋରୁଙ୍କର ପେଟ ଖରାପ ହୋଇ ସେମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ସେଇଭଳି ନଦୀ ଓ ସମୁଦ୍ରରେ ମଧ୍ୟ ବିଭିନ୍ନ ଜୀବ ପ୍ଲାଷ୍ଟିକକୁ ଖାଦ୍ୟ ଭାବି ଖାଇ ଦେଉଛନ୍ତି। ଫଳରେ ତାହା ହଜମ ନହୋଇ ସେମାନେ ମୃତ୍ୟୁମୁଖରେ ପଡୁଛନ୍ତି।

**ଆମ ପାଇଁ ପ୍ଲାଷ୍ଟିକ୍:** ବିଶ୍ୱରେ ପ୍ରତି ମିନିଟରେ ପାଣି ପିଇବା ପାଇଁ ୧୦ଲକ୍ଷ ପ୍ଲାଷ୍ଟିକ ବୋତଲ କିଣା ହୋଇଥାଏ। ବିଶ୍ୱରେ ପ୍ରତିବର୍ଷ ୫ଲକ୍ଷ କୋଟି ପ୍ଲାଷ୍ଟିକ ଜରି ବ୍ୟବହାର ହୋଇଥାଏ। ୧୯୫୦ ମସିହାରୁ ୧୯୭୦ ମସିହା ମଧ୍ୟରେ ପ୍ଲାଷ୍ଟିକ ଉତ୍ପାଦନ ବହୁତ କମ୍ ଥିଲା। ତେଣୁ ପ୍ଲାଷ୍ଟିକ ଆବର୍ଜନା ଗତ ୧୦ବର୍ଷ ତୁଳନାରେ ତିନିଗୁଣ ବଢ଼ିଯାଇଥିଲା। ୨୦୦୦ ମସିହାରେ ବିଶ୍ୱରେ ପ୍ଲାଷ୍ଟିକ୍ ଆବର୍ଜନା ଏତେ ହୋଇଥିଲା ଯେ ଗତ ୪୦ବର୍ଷ ମଧ୍ୟରେ ସେତିକି ହୋଇନଥିଲା। ଏବେ ପ୍ରତିବର୍ଷ ୩୦ କୋଟି ଟନ୍ ପ୍ଲାଷ୍ଟିକ ଆବର୍ଜନା ସୃଷ୍ଟି ହେଉଛି, ଯାହାକି ବିଶ୍ୱର ସମସ୍ତ ଲୋକସଂଖ୍ୟାର ଓଜନ ସହ ସମାନ। ଅନୁସନ୍ଧାନକାରୀଙ୍କ ଅନୁସାରେ ୧୯୫୦ ମସିହାରୁ ଏପର୍ଯ୍ୟନ୍ତ ୮୩୦ କୋଟିରୁ ଅଧିକ ପ୍ଲାଷ୍ଟିକ ଉତ୍ପାଦନ ହୋଇସାରିଲାଣି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଉତ୍ପାଦିତ ମୋଟ ପ୍ଲାଷ୍ଟିକ ଆବର୍ଜନାର ମାତ୍ର ୯ ପ୍ରତିଶତ ରିସାଇକିଲ୍ କରାଯାଇପାରିଛି। ୧୨ ପ୍ରତିଶତ ପ୍ଲାଷ୍ଟିକ ଆବର୍ଜନାକୁ ଜଳାଇ ଦିଆଯାଇଛି। ୭୯ ପ୍ରତିଶତ ପୃଥିବୀର ବିଭିନ୍ନ ସ୍ଥାନରେ ଏଣେତେଣେ ପଡ଼ି ପୃଥିବୀର ବୋଝ ଭଳି ରହିଛି। ଏହିସବୁ କାରଣରୁ ବାୟୁ ପ୍ରଦୂଷଣରେ ଭାରତର ସବୁଠୁ ଅଧିକ ଲୋକ ପ୍ରତିବର୍ଷ ୨୫ ଲକ୍ଷ ଲୋକ ମୃତ୍ୟୁବରଣ କରିଥାନ୍ତି। ଚୀନରେ ଏହି କାରଣରୁ ବର୍ଷକୁ ୧୮ଲକ୍ଷ ଲୋକ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ଜାତିସଂଘର ରିପୋର୍ଟ ଅନୁସାରେ ପୂରା ବିଶ୍ୱରେ ୨୦୦ କୋଟି ଲୋକ ଦୂଷିତ ପାଣି ପିଇବାକୁ ବାଧ୍ୟ ହୁଅନ୍ତି। ପ୍ରତିବର୍ଷ ଦୂଷିତ ପାଣି ପିଇ ୫ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଥାନ୍ତି।

**କେବେ ନଷ୍ଟ ହୁଏନି:** ପ୍ଲାଷ୍ଟିକ ଏତେ ଭୟଙ୍କର ହେବାର ମୁଖ୍ୟ କାରଣ ହେଉଛି ଏହା ନଷ୍ଟ ହେବାକୁ ହଜାର ହଜାର ବର୍ଷ ସମୟ ନେଇଥାଏ। ତେଣୁ ସବୁବେଳକୁ ପରିବେଶର ଅନେକ କ୍ଷତି କରି ସାରିଥାଏ। ପ୍ଲାଷ୍ଟିକ ଜିନିଷ କିମ୍ବା ପଲିଥିନ ନଷ୍ଟ ହେବାକୁ ଏତେ ବର୍ଷ ନିଅନ୍ତି ଯେ ତାହା ଆଦୌ ନଷ୍ଟ ହୁଏନି କହିଲେ ବି ପ୍ରାୟତଃ ଠିକ୍ ହେବ। ଆପଣ ହୁଏତ ଜାଣିନଥିବେ ଫ୍ରିଜରେ ରଖିଥିବା ପ୍ଲାଷ୍ଟିକ ବୋତଲ ନଷ୍ଟ ହେବାକୁ ଲାଗେ ୪୦୦ ବର୍ଷ। ଯେଉଁ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର କରୁଛନ୍ତି ତାହା ନଷ୍ଟ ହେବାକୁ ଲାଗେ ୧୦୦୦ ବର୍ଷ। ପିଲାମାନଙ୍କ ଡାଏପର ନଷ୍ଟ ହେବା ପାଇଁ ୫୦୦ରୁ ୮୦୦ବର୍ଷ ସମୟ ଲାଗିଥାଏ। ଏକ ଟିଣ କ୍ୟାନ୍ ନଷ୍ଟ ହେବାକୁ ୫୦ ବର୍ଷ ଓ ଚମଡ଼ା ଜୋତା ନଷ୍ଟ ହେବାକୁ ୨୫ରୁ ୪୦ ବର୍ଷ ସମୟ ଲାଗିଥାଏ। ପ୍ଲାଷ୍ଟିକ ଡୋର ୩ରୁ ୪ ମାସ ଓ ପ୍ଲାଷ୍ଟିକ ସୂତା ନଷ୍ଟ ହେବାକୁ ୩ରୁ ୧୪ ମାସ ସମୟ ନେଇଥାଏ। ଲାଇଲନ ତିଆରି କପଡ଼ା ନଷ୍ଟ ହେବାକୁ ୩୦ରୁ ୪୦ ବର୍ଷ ସମୟ ଲାଗିଥାଏ।

**——ଡଃ. ଅରୁନ୍ଧତୀ ଦେବୀ**
*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,*
*ଦୂରଭାଷ: ୯୯୩୭୧୭୨୮୧୦*

## ନଳିତା ବିଡ଼ାକୁ ନିଜର ଦାବି କରି ମାରପିଟ୍, ପ୍ରତିପକ୍ଷଙ୍କ ପ୍ରାଣାନ୍ତକ ଆକ୍ରମଣରେ ୪ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପଟୁଣିଆ ପଞ୍ଚାୟତ ଡିଅନରସିଂହପୁର ଗ୍ରାମରେ ପଚା ନଳିତା ବିଡ଼ାକୁ ନିଜର ବୋଲି ଦାବିକରି ଦୁଇ ପରିବାର ମଧ୍ୟରେ କଳିଝଗଡ଼ା ହୋଇଛି । ଏହି ଘଟଣାକୁ କେନ୍ଦ୍ର କରି ଅପରାହ୍ନରେ ପ୍ରତିପକ୍ଷଙ୍କ ପ୍ରାଣାନ୍ତକ ଆକ୍ରମଣରେ ଗୋଟିଏ ଗୋଷ୍ଠୀର ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତ ଚାଇନ ଦଳେଇ(୪୬), ପୁଅ ପଦି ଦଳେଇ(୨୨), ରଜନୀ ଦଳେଇ(୨୦) ଓ ସାନଭାଇ ଘନଶ୍ୟାମ ଦଳେଇ(୪୩)ଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଏ ସଂପର୍କରେ ଚାଇନଙ୍କ ପତ୍ନୀ ଲକ୍ଷ୍ମୀ ଦଳେଇ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ପାଇ ପୁଲିସ୍ ଗାଁରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ସେହିପରି ପ୍ରତିପକ୍ଷ ଗୋଷ୍ଠୀର ବିନୋଦ ଦଳେଇ ମଧ୍ୟ ଚାଇନଙ୍କ ଗୋଷ୍ଠୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଡିଅନରସିଂହପୁର ଗ୍ରାମରେ ପଚା ଯାଇଥିବା କେତେକ ନଳିତା ବିଡ଼ା ଗତ ବନ୍ୟା ପାଣିରେ ଭାସି ଯାଇଥିଲା । ଏହା ତାଙ୍କର ବୋଲି ଚାଇନଙ୍କ ପରିବାର ଦାବି କରୁଥିବା ବେଳେ ବିନୋଦଙ୍କ ପରିବାର ମଧ୍ୟ ଏସବୁ ତାଙ୍କର ବୋଲି କହୁଥିଲେ । ଏ ନେଇ ଗତ ସପ୍ତାହରେ ଉଭୟ ପରିବାର ମଧ୍ୟରେ କଳିଝଗଡ଼ା ହୋଇଥିଲା । ବିନୋଦଙ୍କ ଗୋଷ୍ଠୀ ଉକ୍ତ ପଚା ନଳିତାକୁ କାଟି କାଉଁରିଆ ଖାଡ଼ି ଅମଳ କରୁଥିଲେ । ଖବରପାଇ ଚାଇନଙ୍କ ପରିବାର ପକ୍ଷରୁ ଏହାକୁ ବିରୋଧ କରଯାଇଥିଲା । ନିକଟରେ ଥିବା ଗାଁ ଲୋକ ଉଭୟ ପକ୍ଷକୁ ବୁଝାସୁଝା କରାଇ ଘରକୁ ପଠାଇ ଦେଇଥିଲେ । ଅପରାହ୍ନ ପ୍ରାୟ ୩ଟାରେ ବିନୋଦଙ୍କ ଗୋଷ୍ଠୀ ଚାଇନଙ୍କ ଘରେ ପହଞ୍ଚି ବିଭିନ୍ନ ମାରଣାସ୍ତ୍ରରେ ଅଚାନକ ଆକ୍ରମଣ କରିବାରୁ ଚାଇନଙ୍କ ସମେତ ତାଙ୍କ ୨ ପୁଅ ଓ ଜଣେ ସାନଭାଇ ଆହତ ହୋଇଥିଲେ । ଆହତମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ଚାପା ଉତେଜନା ପ୍ରକାଶ ପାଇଛି । କୋତପୁର ଫାଣ୍ଡି ପୁଲିସ୍ ଡିଅନରସିଂହପୁର ଗାଁରେ ପହଞ୍ଚି ଘଟଣା ପ୍ରତି ନଜର ରଖିଛି ।

## ଓଡ଼ିଶାରେ ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସଂପ୍ରତି କନ୍ୟାକୁମାରୀଠାରୁ କାଶ୍ମିର ପର୍ଯ୍ୟନ୍ତ ଭାରତ ଯୋଡ଼ ଯାତ୍ରା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲୁଅଛି । ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ 'ଭାରତ ଯୋଡ଼ (ପରିବର୍ତନ) ଯାତ୍ରା' ଆସନ୍ତା ତା୩୧.୧୦.୨୦୨୨ରିଖ ଦିନ ଭୁବନେଶ୍ୱର ଇନ୍ଦିରା ଗାନ୍ଧୀ ପାର୍କ ଠାରୁ ଆରମ୍ଭ ହେବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି ଯାତ୍ରାକୁ ରାଜ୍ୟର ୩୩ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲାରେ ସଫଳତାର ସହ ଅନୁଷ୍ଠିତ କରାଇବା ପାଇଁ ଶ୍ରୀ ପଟ୍ଟନାୟକ ଏକ "Programme Implementation Committee" ଗଠନ କରିଛନ୍ତି । ଜିଲ୍ଲାରେ କାର୍ଯ୍ୟକ୍ରମ ସଫଳ ହେବା ନିମନ୍ତେ ଏହି କମିଟି ସମସ୍ତ ପଦକ୍ଷେପ ଗ୍ରହଣ କରିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି କମିଟିରେ ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜା ଅଧ୍ୟକ୍ଷ ରହିଥିବା ବେଳେ ବିଧାୟକ ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ ସହ-ଅଧ୍ୟକ୍ଷ ଭାବରେ ଓ ଶ୍ରୀ ସଂଜୟ ତ୍ରିପାଠୀ ଆବାହକ ଭାବରେ ରହିଛନ୍ତି । ଅନ୍ୟତମ ସଭ୍ୟ ଭାବରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁଦର୍ଶନ ଦାସ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ସଂଜୀବ ଗିରି, ବିଶ୍ୱଜିତ ଦାଶ, ବିସ୍ମୟ ମହାପାତ୍ର, ଅମୀୟ ପାଣ୍ଡବ ଓ ଦୁର୍ଗା ପ୍ରସାଦ ପାଢ଼ୀ ପ୍ରମୁଖ ରହିଛନ୍ତି ବୋଲି କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ବିଳମ୍ବ ଯୋଗୁଁ ଜନଅସନ୍ତୋଷ

ଧର୍ମଶାଳା (ପିଏନ୍): ୧୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ଧର୍ମଶାଳା ବ୍ଲକ ଜାରକା ଛକରେ ଏକ ଓଭରବ୍ରିଜ ନିର୍ମାଣ ବିଳମ୍ବ ହେଉଥିବାରୁ ସ୍ଥାନୀୟ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ ୨୦୧୭ ମସିହାରୁ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ଭଦ୍ରକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ଡିବିଏଲ ନାମକ ଏକ ଠିକାସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ୨୦୧୮ ମସିହାରୁ ଉକ୍ତ ଠିକାସଂସ୍ଥା ପକ୍ଷରୁ ରାସ୍ତା କାମ ଅରମ୍ଭ କରାଯାଇଥିଲା । ସମ୍ପୃକ୍ତ ଠିକାସଂସ୍ଥା ୩ ବର୍ଷ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଗଳିପୋଲ, ରାସ୍ତା ସମେତ ଓଭରବ୍ରିଜ କାମ ସାରିବାକୁ ଚୁକ୍ତି କରିଥିଲା । ହେଲେ ଏହାମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ଜାରକା ଓଭରବ୍ରିଜ ନିର୍ମାଣ କାମ ଶେଷ ହୋଇନାହିଁ । ଗତ ତିନିବର୍ଷ ହେଲା ପ୍ରତ୍ୟେକ ଦିନ ହଜାର ହଜାର ଗାଡ଼ି ବାଇପାସ ରାସ୍ତା ଦେଇ ଯାତାୟାତ କରୁଛି । ଯାହା ଫଳରେ ବଜାରକୁ ଅସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଚଣ୍ଡିଖୋଲ ଠରୁ ଭଦ୍ରକ ପର୍ଯ୍ୟନ୍ତ ରାସ୍ତା କାମ ଶେଷ ହୋଇଥିବା ବେଳେ ଜାରକା ଠାରେ ରାସ୍ତା କାମ କଣ ପାଇଁ ବିଳମ୍ବ ହେଉଛି ତାହାକୁ ନେଇ ସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି । ଠିକାସଂସ୍ଥା ପକ୍ଷରୁ ଏବେ ଜାରକା ଠାରେ ଓଭରବ୍ରିଜ ସହିତ ରାସ୍ତା ନିର୍ମାଣ କାମ ଚାଲୁରହିଥିବା ବେଳେ ଖୁବ ମନ୍ଥର ଗତିରେ ଏହି କାମ ଚାଲୁଥିବାରୁ ଏହା ସମାପ୍ତ ହେବାକୁ କେତେଦିନ ଲାଗିବ ତାହାକୁ ନେଇ ଆଶଙ୍କା ଦେଖାଦେଇଛି । ଏନେଇ ଜାରକାସ୍ଥିତ ବିଭିନ୍ନ ବଜାର କମିଟି ପକ୍ଷରୁ ସମ୍ପୃକ୍ତ ଠିକାସଂସ୍ଥାର କର୍ତୃପକ୍ଷଙ୍କୁ ବାରମ୍ବାର କୁହାଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନଥିବା ବଜାର କମିଟି ପକ୍ଷରୁ ଅଭିଯୋଗ ହୋଇଛି । ତେବେ ଏନେଇ ଯାଜପୁର ଏଡିଏମ ଅକ୍ଷୟ କୁମାର ମଲିକଙ୍କ ସହିତ ଯୋଗାଯୋଗ କରିବାରୁ ଜାତୀୟ ରାଜପଥ ପିଡି ଓ କାମକରୁଥିବା ଠିକାସଂସ୍ଥାର କର୍ତୃପକ୍ଷଙ୍କୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି । ନଭେମ୍ବର ଶେଷ ସୁଦ୍ଧା ଏହି କାମ ସାରିବାକୁ ଠିକାସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ଏଡିଏମ ଶ୍ରୀ ମଲିକ ସୂଚନା ଦେଇଛନ୍ତି ।

## ସାନଭାଇ ଆକ୍ରମଣ ଭୟରେ ମା' ଓ ବଡଭାଇ ବନ୍ଧୁଙ୍କ ଘରେ ଆଶ୍ରୟ ନେଲେ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ତରିଆ ଗ୍ରାମରେ ଜଣେ ଯୁବକର କାରନାମାରେ ଅତିଷ୍ଠ ହୋଇ ପରିବାର ଲୋକେ ଏହି ଥାନା କଣିପାଟିଆ ଗ୍ରାମରେ ତାଙ୍କ ବନ୍ଧୁଙ୍କ ଘରେ ଆଶ୍ରୟ ନେବା ସହ ଏନେଇ ଥାନାରେ ଅଭିଯୋଗ କରିଛନ୍ତି । ତେବେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଉଥିବାରୁ ପରିବାର ଲୋକେ ଘରକୁ ଫେରିବା ନେଇ ଆଶା ଆଶଙ୍କାରେ ରହିଛନ୍ତି । ଘଟଣାରୁ ପ୍ରକାଶ ତରିଆ ଗ୍ରାମର ସ୍ୱର୍ଗତଃ ବନମାଳି ଭୂୟାଁଙ୍କ ପରିବାରରେ ତାଙ୍କ ବିଧବା ପତ୍ନୀ କନକ ଭୂୟାଁ, ବଡପୁଅ କଳ୍ପତରୁ ଭୂୟାଁ, ବୋହୂ ଛବିରାଣୀ ଭୂୟାଁ, ସାନପୁଅ ଗାଭାସ୍କର ଭୂୟାଁ ଓ ନାତି ରହୁଛନ୍ତି । ସାନପୁଅ ଗାଭାସ୍କର ଗୋଆରେ ରହି କାମ କରୁଥିବା ବେଳେ କିଛିଦିନ ହେଲା ଘରକୁ ଫେରିଛି । ତେବେ ବିଭିନ୍ନ କଥାକୁ ନେଇ ଘରେ ମାଆ, ବଡଭାଇ ଓ ଭାଉଜଙ୍କୁ ମାରପିଟ କରିବା ସହ ସେମାନଙ୍କୁ ମାନସିକ ନିର୍ଯ୍ୟାତନା ଦେଇଆସୁଛି । ଗତ ମଙ୍ଗଳବାର ଗାଭାସ୍କର ମାଆର ସାମାନ୍ୟ କଥାରେ ଉତକ୍ଷିପ୍ତ ହୋଇ ଘରର ମୋବାଇଲ ଫୋନ ଭାଙ୍ଗିବା ସହ ମାଆ ଓ ଭାଉଜଙ୍କୁ ମାଡ ମାରିଥିଲା । ମାଡ ଭୟରେ ଶାଶୁ ବୋହୂ ଘରେ କବାଟ ଦେଇ ରହିଥିଲେ । ତେବେ କାମକୁ ଯାଇଥିବା ବଡପୁଅ ଘରକୁ ଫେରିବା ସମୟରେ ସେଠାରେ ଜଗିରହିଥିବା ଗାଭାସ୍କର ବଡଭାଇକୁ ଆକ୍ରମଣ କରିଥିଲା । ଫଳରେ ଭୟରେ ବଡଭାଇ ପରିବାର ଲୋକଙ୍କ ସହିତ ଘରେ କବାଟ ବନ୍ଦ କରି ରହିଥିଲେ । ପରେ ସେହି ଗ୍ରାମର ଜଣେ ମୁରବୀଙ୍କ ସହଯୋଗକ୍ରମେ ପରିବାର ଲୋକେ ଘରୁ ବାହାରିଥିଲେ ହେଁ ଗାଭାସ୍କର ଭୟରେ ସେଠାରେ ରହିବା ପାଇଁ ନିଜକୁ ଅସୁରକ୍ଷିତ ମଣି କଣିପାଟିଆସ୍ଥିତ ତାଙ୍କ ବନ୍ଧୁ ଘରେ ଆଶ୍ରୟ ନେଇଛନ୍ତି । ଏନେଇ ଭାଉଜ ଛବିରାଣୀ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ୫୬୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବେଳେ ଅଭିଯୁକ୍ତ ଗାଭାସ୍କରକୁ ଗିରଫ କରିବାରେ ଅସଫଳ ହୋଇଛି । ଅନ୍ୟପଟେ ଅଭିଯୁକ୍ତ ପଦାରେ ବୁଲୁଥିବାରୁ ପରିବାର ଲୋକେ ଭୟରେ ନିଜ ଘରକୁ ଯିବାକୁ ନିରାପଦ ମଣୁ ନାହାନ୍ତି । ତେବେ ପୁଲିସ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଉକ୍ତ ପରିବାରକୁ ସୁରକ୍ଷିତ ଭାବେ ଘରେ ଛାଡିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ମାମଲା ନ ସରିବା ଯାଏଁ ହସ୍ତାନ୍ତର ହେବନି କଳିଙ୍ଗ ହୋଟେଲ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ମ୍ୟୁନିସପାଲଟି ଅନ୍ତର୍ଗତ କଳିଙ୍ଗ ହୋଟେଲକୁ ନେଇ ଉଚ୍ଚ ନ୍ୟାୟାଳୟର ବଡ଼ ନିଷ୍ପତ୍ତି ଆସିଛି। ନ୍ୟାୟାଳୟରେ ମାମଲା ନ ସରିବା ଯାଏଁ ଏହି ହୋଟେଲକୁ କାହାରିକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ ବୋଲି କୋର୍ଟ ରାୟ ଦେଇଛନ୍ତି। ଫଳରେ ବର୍ଷ ବର୍ଷ ଧରି ଚାଲିଆସୁଥିବା କଳିଙ୍ଗ ହୋଟେଲର ପରିଚାଳନାକୁ ନେଇ ଅନ୍ତୁଆ ବଢ଼ିବାରେ ଲାଗିଛି। ପୌର ପ୍ରଶାସନ ପକ୍ଷରୁ ଏହାକୁ ନିଜ ହାତକୁ ନେବାର ଚେଷ୍ଟା କରାଯାଇଥିଲା। ହୋଟେଲକୁ ସିଲ କରିଦିଆଯାଇଥିଲେ ମଧ୍ୟ ଏହି ଜମି ରାଜପରିବାରର ଦର୍ଶାଇ ସୁଜିତ ଦେବ ନିଜ ହାତକୁ ନେବା ପାଇଁ କାଗଜପତ୍ର ଦେଖାଇଥିଲେ। କିନ୍ତୁ ପୁଲିସ ଉପସ୍ଥିତିରେ ପୌର ପ୍ରଶାସନ ଏହାକୁ ଅକ୍ତିଆର କରିଥିଲା। ପରେ ତାହାକୁ ୧୦ ବର୍ଷ ପାଇଁ ଲିଜ୍ ବିଜ୍ଞାପନ ଦିଆଯାଇଥିଲା। ବିଧିବଦ୍ଧ କାଗଜ ଥାଇ ଶ୍ରୀଦେବ ଜମି ନ ପାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏହି ମାମଲାର ମଧ୍ୟବର୍ତୀକାଳୀନ ଆଦେଶରେ ଟେଣ୍ଡରଧାରୀଙ୍କୁ ପଜେସନ୍ ନ ଦେବା ପାଇଁ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ ପଟାରେ ଅଧିକ ମୂଲ୍ୟ ରଖିଥିବା ବ୍ୟକ୍ତି ହୋଟେଲ ପରିସରରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରି ଚିନ୍ତାରେ ପଡ଼ିଛନ୍ତି। ହୋଟେଲ ସମ୍ପତ୍ତି କାହାର? ଏହାକୁ ନେଇ ପ୍ରଶାସନ ଓ ସୁଜିତ ଦେବଙ୍କ ମଧ୍ୟରେ ଟଣାଓଟରା ଚରମସୀମାରେ ପହଞ୍ଚିଛି। ଏହି ମାମଲା କେତେଦିନ ନ୍ୟାୟାଳୟରେ ପଡ଼ିରହିଥିବ ତାହାର କିଛି ସୀମା ନାହିଁ। ସେତେଦିନ ଯାଏଁ ଏହି ହୋଟେଲ ବନ୍ଦ ହୋଇ ପଡ଼ିରହିବ। ଶେଷରେ ଏହା ଭୂତ କୋଠରୀରେ ପରିବର୍ତନ ହେବ ବୋଲି ସହରରେ ଚର୍ଚ୍ଚା ହେଉଛି।

## ମହିଳାମାନଙ୍କୁ ଋଣ ଦେବା ଆଳରେ ଠକ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ମର୍ଜତାପୁର ପଂଚାୟତ ଅନ୍ତର୍ଗତ ସାଥୁଆପାଟଣା ଗ୍ରାମର ମହିଳାମାନଙ୍କୁ ଋଣ ଓ ଅନ୍ୟାନ୍ୟ ସୁବିଧା କରାଇଦେବା ଆଳରେ ଜଣେ ବହୁ ଟଙ୍କା ଠକି ନେଇ ଫେରାର ଥିବା ଠକକୁ ପୁଲିସ ଗିରଫ କରିଛି । ସୂଚନା ମୁତାବକ ବଡଚଣା ଥାନା ନିଶିମଳା ଗ୍ରାମର ସୀତାଂଶୁ ଶେଖର ସାମଲ(୪୨) ନିଜକୁ ଯାଜପୁର ଜିଲ୍ଲା ମହିଳା ସମିତିର ସଭାପତି ଭାବେ ପରିଚୟ ଦେଇ ସାଥୁଆପାଟଣା ଗ୍ରାମର ରଘୁନାଥ ମଲିକଙ୍କ ପତ୍ନୀ ଶାନ୍ତିଲତା ମଲିକ(୫୫) ଓ ସେହିଗ୍ରାମର ଅନ୍ୟ ମହିଳାମାନଙ୍କଠାରୁ ୬୩ ହଜାର ଟଙ୍କା ଠକିନେଇ ଫେରାର ହୋଇଯାଇଥିଲା । ଏସମ୍ପର୍କରେ ମହିଳାମାନେ ଥାନାରେ ଅଭିଯୋଗ କରିବା ପରେ ଜେନାପୁର ପୁଲିସ ୨୮୩/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୀତାଂଶୁକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ମାଣ୍ଡିଆରୁ ନାବାଳକ ଉଦ୍ଧାର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପୁଲିସ୍ ପାଖର ପଞ୍ଚାୟତ ମାଣ୍ଡିଆ ଛକରୁ ଆଜି ଜଣେ ୧୨ବର୍ଷୀୟ ନାବାଳକକୁ ଉଦ୍ଧାର କରିଛି । ଜଣେ ମହିଳା ତାଙ୍କ ପୁଅ ନିଖୋଜ ଥିବା ନେଇ ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିଥିଲେ । ତେବେ ଉକ୍ତ ନାବାଳକ ମାଣ୍ଡିଆର ଜଣେ ବ୍ୟକ୍ତିଙ୍କ ଘରେ ଥିବା ଖବର ପାଇ ଧର୍ମଶାଳା ଥାନା ପୁଲିସ୍ ଏସ୍‌ଆଇ ସୁରେନ୍ଦ୍ର ଜେନା ନାବାଳକକୁ ଉଦ୍ଧାର କରିଥିଲେ । ହେଲେ ଉଦ୍ଧାର ନାବାଳକ ଅଭିଯୋଗକାରୀ ମହିଳାଙ୍କୁ ସାବତମା' କହି ତାଙ୍କ ସହିତ ଯାଇ ନ ଥିଲା । ପରେ ଉକ୍ତ ନାବାଳକକୁ ପୁଲିସ୍ ଏସ୍‌ଆଇ ରାଧାନାଥ ଦାସ ଯାଜପୁର ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

## ଚୋରି ସାମଗ୍ରୀ ଜବତ, ୩ ଅଟକ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କଣ୍ଟିଗଡ଼ିଆସ୍ଥିତ ମେଗା ଇନିୟରିଂ ଷ୍ଟକ୍‌ୟାର୍ଡରୁ ବିଭିନ୍ନ ସାମଗ୍ରୀ ଓ ଯନ୍ତ୍ରାଂଶ ଚୋରି ହୋଇଥିଲା । ଏ ସଂପର୍କରେ ଅଭିଯୋଗ ପାଇ ପୁଲିସ୍ କଣ୍ଟିଗଡ଼ିଆ ଗାଁରେ ଚଢ଼ଉ କରି ଚୋରି ହୋଇଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ବହୁ ଗୋଲେଇ ଓ ସିଧା ପିଭିସି ପାଇପ୍, ଲୁହା ରଡ୍ ସମେତ ମେଗା ପାନୀୟ ଜଳ ପ୍ରକଳ୍ପର ବିଭିନ୍ନ ଯନ୍ତ୍ରାଂଶ ଜବତ କରିଛି । ଏଥିସହିତ ଏହି ଘଟଣାରେ ସଂପୃକ୍ତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ପ୍ରକାଶ ଯେ, କଣ୍ଟିଗଡ଼ିଆ ଗାଁ ଚନ୍ଦନ ପୋଖରୀ ନିକଟରେ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଷ୍ଟକ୍‌ୟାର୍ଡରୁ କିଛିଦିନ ହେଲା ବିଭିନ୍ନ ସାମଗ୍ରୀ ଓ ଯନ୍ତ୍ରାଂଶ ଚୋରି ହେଉଥିଲା । ବିଳମ୍ବିତ ରାତିରେ ଚୋରମାନେ ମୂଲ୍ୟବାନ ପିଭିସି ପାଇପ୍, ସକେଟ୍, ସିମେଣ୍ଟ ଆଦି ସାମଗ୍ରୀ ଚୋରି କରି ନେଉଥିଲେ । ବାରମ୍ବାର ଚୋରି ହେବାରୁ ଏ ସଂପର୍କରେ ସଂସ୍ଥା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା । ପୁଲିସ୍ ଏଥିରେ ସଂପୃକ୍ତ ୩ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ସହଯୋଗୀମାନେ ଖସି ଯାଇଥିବା ଜଣାପଡ଼ିଛି ।




# ସ୍କୁଲ ୟୁନିଫର୍ମକୁ ସବୁଜ ରଙ୍ଗ କରି ଛାତ୍ରଛାତ୍ରୀଙ୍କୁ ଦଳୀୟ ଭାବନାରେ

ଭୁବନେଶ୍ୱର,(ପି.ଏନ): ପୂର୍ବରୁ ଓଡ଼ିଶା ସରକାର ୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ସ୍କୁଲ ଓ କଲେଜ ଆଦିକୁ ସବୁଜ ରଙ୍ଗ କରିବା ପରେ ଏବେ ସ୍କୁଲ ୟୁନିଫର୍ମର ରଙ୍ଗ ସବୁଜ କରିବା ପାଇଁ ଚିନ୍ତା କରିବା ଦୁଃଖର ବିଷୟ । ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଦଳୀୟ ଭାବନାରେ ପରୋକ୍ଷ ଭାବେ ଟାଣିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଟ୍ୱିଟ୍ କରି କହିଛନ୍ତି ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ । ସେ ଟ୍ୱିଟ୍ କରି କହିଛନ୍ତି ଯେ ଓଡ଼ିଶା ସରକାର ଗତ ୧୦ ତାରିଖରେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ବଦଳାଇବା ନେଇ ଏକ ଆଡଭାଇଜାରୀ ଜାରି କରିଛନ୍ତି, ଯାହା ହାସ୍ୟାସ୍ପଦ । ଆଡଭାଇଜାରୀ ଅନୁସାରେ ସରକାର ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନ ପ୍ରାପ୍ତ ସ୍କୁଲର ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ଧଳା ଓ ଘନନୀଳ ବଦଳରେ 'ହଂଟର ଗ୍ରିନ୍' ରଙ୍ଗର ପୋଷାକ କରିବାକୁ ଯାଉଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ "ସମଗ୍ର ଶିକ୍ଷା" ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ସ୍କୁଲ ୟୁନିଫର୍ମ ପାଇଁ ଓଡ଼ିଶାକୁ ବାର୍ଷିକ ପ୍ରାୟ ୨୪୦ କୋଟି ଟଙ୍କା ଅନୁଦାନ ମିଳୁଛି । ରାଜ୍ୟ ସରକାର କେଉଁ ଆଧାରରେ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ଅର୍ଥରେ ନିଜସ୍ୱ "ମୁଖ୍ୟମନ୍ତ୍ରୀ ପରିଧାନ" ଯୋଜନା ଘୋଷଣା କରିଛନ୍ତି ? କେନ୍ଦ୍ର ଦେଉଥିବା ଅର୍ଥ ଉପରେ ରାଜ୍ୟ ସରକାର ନିଜର ଷ୍ଟିକର ମାରିବାର ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା ପର ଘର ତିଅଣରେ ଅତିଥି ସତ୍କାର ସଦୃଶ । ରାଜନୈତିକ ଉଦ୍ଦେଶ୍ୟ ରଖି ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ରାଜ୍ୟ ଭାଗ ନ ଦେଇ କେନ୍ଦ୍ର ଉପରେ ଦୋଷ ଲଦିବା, ବର୍ଷାରେ ପିଲା ମାନଙ୍କୁ ବାଧ୍ୟ ବାଧକତା କରି ୫ଟି ସଚିବଙ୍କୁ ସ୍ୱାଗତ କରାଇବା ଏବଂ କୋମଳମତି ଶିଶୁ ଓ କିଶୋର ମାନଙ୍କୁ ସବୁଜ ରିବନ ଓ ସବୁଜ ଗାମୁଛା ପକେଇ ଦଳୀୟ କାର୍ଯ୍ୟକ୍ରମରେ ନେତା ମନ୍ତ୍ରୀଙ୍କୁ ସ୍ୱାଗତ କରିବାର ନଜିର ରହିଥିଲା । ଏବେ ଆଉ ଗୋଟେ ପାଦ ଆଗକୁ ଯାଇ ଓଡ଼ିଶା ସରକାର ଦଳୀୟ ଭାବନାରେ ପିଲାଙ୍କ ସମ୍ପୂର୍ଣ୍ଣ ୟୁନିଫର୍ମକୁ ସବୁଜ କରିବା ପାଇଁ ଚିନ୍ତା କରିବା ଏବଂ ତା' ଉପରେ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର ମାରିବା ଦୁଃଖଦାୟକ । ସବୁଜ ରଙ୍ଗ ପଛରେ ଲୁଚି ରହିଥିବା ସତ ସାଧାରଣ ଓଡ଼ିଆଙ୍କ ଆଶା ଓ ଆକାଂକ୍ଷା ଉପରେ ଏକ କୁଠାରାଘାତ ସଦୃଶ । ରାଜ୍ୟର ଅନେକ ସ୍ଥାନରେ ୫-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ହୋଇଥିବା ସ୍କୁଲର ଛାତରୁ ପାଣି ପଡୁଥିବା ବେଳେ କେଉଁଠି କେଉଁ ସ୍କୁଲର ପାଚେରି ଭାଙ୍ଗିଯାଉଛି । ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଜେଡି ସରକାର ଯେଉଁ ରାଜନୀତି କରୁଛି, ଓଡ଼ିଶାବାସୀ କ୍ଷମା ଦେବେ ନାହିଁ । ଯେଉଁ ଓଡ଼ିଶାରେ ୧୯ ପ୍ରତିଶତ ନବଜାତ ଶିଶୁଙ୍କ ଓଜନ କମ ରହିଛି ଏବଂ ୩୧ ପ୍ରତିଶତ ଶିଶୁ ପୁଷ୍ଟିହୀନର ଶୀକାର ଏବଂ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଶିଶୁ ରକ୍ତହୀନତାରେ ପୀଡିତ, ସେହି ଶିଶୁ ଏବଂ କିଶୋର କିଶୋରୀଙ୍କ ଉପରେ ରାଜ୍ୟ ସରକାର ଧ୍ୟାନ ନ ଦେଇ ଛାତ୍ରଛାତ୍ରୀଙ୍କୁ ନେଇ ରାଜନୀତି କରିବା ଚିନ୍ତାର କାରଣ । ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ରିପୋର୍ଟ ଆଧାରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସ୍କୁଲ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ- ୨.୦ ରେ ଓଡ଼ିଶା ମାତ୍ର ୫୧୭.୧ ସ୍କୋର ହାସଲ କରି ଦଶମ ସ୍ଥାନରୁ ଖସି ୨୪ ତମ ସ୍ଥାନରେ ପହଁଚିଛି, ଯାହା ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନା ଆସିଛି । ଛାତ୍ରଛାତ୍ରୀଙ୍କୁ ନେଇ ରାଜନୀତି କରିବା ପରିବବର୍ତେ ଶିକ୍ଷା କ୍ଷେତ୍ରରେ ଥିବା ଅବ୍ୟବସ୍ଥାକୁ ସଜାଡିଲେ ଭଲ ହେବ । ରାଜ୍ୟ ସରକାର କେବଳ ପୋଷାକର ରଙ୍ଗ ପରିବର୍ତନ କଲେ ଚଳିବ ନାହିଁ, ଗୁଣାତ୍ମକ ଶିକ୍ଷା ସହ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ସହ ସେମାନଙ୍କର ଉତମ ସ୍ୱାସ୍ଥ୍ୟ କିପରି ରହିବ, ତା' ଉପରେ ଧ୍ୟାନ ଦେଲେ ଓଡ଼ିଶାବାସୀ ଖୁସି ହେବେ ବୋଲି ଧାମନଗର ବିଧାୟକ ଟ୍ୱିଟ୍ କରି କହିଛନ୍ତି ।

## ସୂରଜ ସୂର୍ଯ୍ୟବଂଶୀଙ୍କୁ ସବୁଥିରେ ଖାଲି ରାଜନୀତି ହିଁ ଦେଖାଯାଉଛି : ବିଜେଡି

ଭୁବନେଶ୍ୱର,(ପି.ଏନ): ସ୍କୁଲ ୟୁନିଫର୍ମର ରଙ୍ଗ ପରିବର୍ତନକୁ ନେଇ ବିଜେପି ବିଧାୟକ ସୂରଜ ସୂର୍ଯ୍ୟବଂଶୀଙ୍କ ଟୁଇଟ୍ ର ଜବାବ୍ ଦେଇଛି ବିଜେଡି। ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାସ ଟୁଇଟ୍ କରି କହିଛନ୍ତି ଯୁବ ବିଧାୟକ ସୂରଜ ସୂର୍ଯ୍ୟବଂଶୀଙ୍କୁ ସବୁଥିରେ ଖାଲି ରାଜନୀତି ହିଁ ଦେଖାଯାଉଛି। କେଉଁଠି ସବୁଜ ରଂଗ ଦେଖିଲେ ସେ ବାଉଳିଚାଉଳି ହେଉଛନ୍ତି। ଅଧିକାଂଶ ପନିପରିବା ଓ ଗଛଲତାର ରଂଗ ସବୁଜ । ତାହେଲେ କଣ ସେ ସବୁଜ ପରିବା ଖାଇବା ଛାଡ଼ିଦେବେ ? ଗଛଲତା ଦେଖିଲେ ଆଖି ବୁଜି ଦେବେ ?ଆମ ଜାତୀୟ ପତାକାରେ ବି ସବୁଜ ରଂଗ ରହିଛି। ଯେଉଁମାନେ ଦେଶ ପାଇଁ ବଳିଦାନ ଦେଇଛନ୍ତି, ସେମାନେ ବହୁତ ଭାବିଚିନ୍ତି ପ୍ରଗତିର ରଂଗ ସବୁଜକୁ ପତାକାରେ ସ୍ଥାନ ଦେଇଛନ୍ତି। ମାତ୍ର ସୂରଜ ଏହାର ମହତ୍ୱ ବୁଝି ପାରିବେ ନାହିଁ। ରଂଗକୁ ନେଇ ଏଭଳି ନକାରାତ୍ମକ ରାଜନୀତି କରୁଥିବା ସସୂରଜଙ୍କୁ ଲଜ୍ଜା ଲାଗିବା ଉଚିତ। ରାଜନୀତି କରିବାକୁ ଆହୁରି ବହୁତ ପ୍ରସଙ୍ଗ ଅଛି।

# ଆଇନଜ୍ଞ ପୁରୁଷୋତମ ବିଶ୍ୱାଳ ଓ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ ପାଇବେ ଗଙ୍ଗାଧର ମହାପାତ୍ର ସମ୍ମାନ

ଭୁବନେଶ୍ୱର,(ପି.ଏନ): ପୂଜ୍ୟ ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ଚଳିତବର୍ଷ ଓଡ଼ିଶାର ବିଶିଷ୍ଟ ଆଇନଜୀବୀ ବାଲେଶ୍ୱରର ପୁରୁଷୋତ୍ତମ ବିଶ୍ୱାଳ ଓ ଭୁବନେଶ୍ୱରର ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକଙ୍କୁ ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନ-୨୦୨୩ ପ୍ରଦାନ କରାଯିବ ବୋଲି ଫାଉଣ୍ଡେସନର ଆଜୀବନ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିର ନିଷ୍ପତି କ୍ରମେ ଶ୍ରୀ ବିଶ୍ୱାଳ ଓ ଶ୍ରୀ ପଟ୍ଟନାୟକଙ୍କୁ ଆସନ୍ତା ୧୪ ତାରିଖ ଦିନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ଆଇନଜ୍ଞ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ୧୧୦ତମ ଜୟନ୍ତୀ ଉତ୍ସବରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବକ ଯୁବତୀମାନଙ୍କୁ ଉତ୍ସାହିତ କରିବା ପାଇଁ ଚଳିତ ବର୍ଷଠାରୁ ୫ଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଡଃ ଜ୍ଞାନେନ୍ଦ୍ର କହିଛନ୍ତି। ସେମାନେ ହେଲେ ଭୁବନେଶ୍ୱର ପୌର ନିଗମର ପୂର୍ବତନ କର୍ପୋରେଟର ନରେନ କୁମାର ସାହୁ, ଶ୍ରୀମତୀ ନିବେଦିତା ଭଞ୍ଜ, ନାରାୟଣ ଚନ୍ଦ୍ର ଓଝା, ବିଶ୍ୱଜିତ ପଟ୍ଟନାୟକ ଓ ବରୁଣ ରାଜ।ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୨୫ବର୍ଷ ଧରି ଆଇନ୍ କ୍ଷେତ୍ରରେ ଜୀବନବ୍ୟାପୀ ସେବା ପାଇଁ ଏହି ସମ୍ମାନ ପୂର୍ବରୁ ବାରିଷ୍ଟର ଗୋବିନ୍ଦ ଦାସ, ଗଙ୍ଗାଧର ରଥ, ଭୂପେନ ଚନ୍ଦ୍ର ବୋଷ, ବସନ୍ତ ପାଣିଗ୍ରାହୀ, ବିପିନ ବିହାରୀ ରଥ, ଦିବ୍ୟସିଂହ ମିଶ୍ର, ମନୋରଞ୍ଜନ ମହାନ୍ତି, ଗଣେଶ୍ୱର ମିତ୍ର ଓ ଦେବୀ ପ୍ରସାଦ ଧଳ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି।

# ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ୭ ଜଣ ରେଳ କର୍ମଚାରୀ ନିଲମ୍ବିତ

ବାଲେଶ୍ୱର/ଭୁବନେଶ୍ୱର,(ପି.ଏନ); ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣା ମାମଲାରେ ୭ ଜଣ ରେଳ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ସିବିଆଇ ଗିରଫ କରିଥିବା ୩ ଜଣ କର୍ମଚାରୀ ମଧ୍ୟ ସାମିଲ ଅଛନ୍ତି। ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟ ଲୋକସଂପର୍କ ଅଧିକାରୀ ଆଦିତ୍ୟ ଚୌଧୁରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ଷ୍ଟେସନ ମାଷ୍ଟର, ଟ୍ରାଫିକ ଇନ୍ସପେକ୍ଟର ଓ ମେଂଟେନରଙ୍କ ଭୂମିକା ମଧ୍ୟ ଥିଲା। ତେଣୁ ରେଳବାଇ ସେମାନଙ୍କୁ ମଧ୍ୟ ନିଲମ୍ବନ କରିଛି।ଗତ ଜୁନ୍ ୨ ତାରିଖରେ ଘଟିଥିବା ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ସିବିଆଇ ତଦନ୍ତ ଜାରି ରହିଛି। ସିବିଆଇ ମଙ୍ଗଳବାର ଦିନ ସିନିୟର ସେକ୍ସନ ଇଞ୍ଜିନିୟର ଅରୁଣ ମହାନ୍ତ, ସେକ୍ସନ ଇଞ୍ଜିନିୟର ମହମ୍ମଦ ଅମୀର ଖାନ୍ ଓ ଟେକ୍ନିସିଆନ ପପୁ କୁମାରଙ୍କୁ ପୁଣି ଥରେ ରିମାଣ୍ଡରେ ନେଇଛି।

# ରାଜଭବନରେ ଲୋକଉତ୍ସବ ଓ ଜନଜାତି କଳା ପ୍ରଦର୍ଶନ

ଭୁବନେଶ୍ୱର, (ପି.ଏନ): ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳ ଯାହାକି ବର୍ତମାନର ଓଡ଼ିଶା । ସେ ଲୋକକଳା ହେଉ କି ପାରମ୍ପରିକ ସାମରିକ କଳାକୌଶଳ ଅଥବା ଜନଜାତିଙ୍କ କଳା ପ୍ରତ୍ୟେକଟିର ପରିଚୟ ସ୍ୱତନ୍ତ୍ର । ଏହିସବୁ କଳାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା ରାଜଭବନର ନ୍ୟୁ ଅଭିଷେକ ହଲ୍ ରେ । କାଳାଞ୍ଜଳି ଆର୍ଟିଷ୍ଟ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ବିଭିନ୍ନ ଅଂଚଳର ଲୋକକଳାକାରଙ୍କୁ ନେଇ ଆୟୋଜନ କରାଯାଇଥିଲା ଲୋକଉତ୍ସବ ଓ ଜନଜାତି କଳା ପ୍ରଦର୍ଶନ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟନ କରିବା ଅବସରରେ ନିଜ ଉଦ୍‌ବୋଧନରେ ପ୍ରକୃତି ଓ ସଂସ୍କୃତି ସହିତ ଯୋଡ଼ି ହେବାର ଅପୂର୍ବ ଆନନ୍ଦ ଓ ଅନୁଭୂତିର ମଂଚ ଲୋକଉତ୍ସବ ବୋଲି କହିବା ସହିତ ଏହାର ସୁରକ୍ଷା ଏବଂ ପ୍ରସାର ଦିଗରେ ଗ୍ରହଣ କରାଯାଉଥିବା ପ୍ରୟାସ ସ୍ୱାଗତଯୋଗ୍ୟ । ରାଜ୍ୟପାଳ କାଳାଞ୍ଜଳି ଆର୍ଟିଷ୍ଟ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା କରିବା ସହିତ ତୃଣମୂଳ ସ୍ତରରୁ କଳାକାରମାନଙ୍କୁ ଚିହ୍ନଟ କରି ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ କଳାର ପରମ୍ପରାକୁ ବଂଚାଇ ରଖିବା ପାଇଁ ଲୋକଉତ୍ସବର ଆୟୋଜନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଟ୍ରଷ୍ଟର କୋଷାଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।ଲୋକଉତ୍ସବ ଆରମ୍ଭ ହୁଏ ରାୟଗଡ଼ା ଜିଲ୍ଲାର ଦୃଷ୍ଟିବାଧିତ ଲକ୍ଷ୍ମଣ ଶବରଙ୍କ କଣ୍ଠରେ ଶ୍ରୀଜଗନ୍ନାଥଙ୍କ ଭଜନ। ପରେ ଗଞ୍ଜାମ ଜିଲ୍ଲା ନରେନ୍ଦ୍ରପୁର ଗ୍ରାମର ଗଙ୍ଗେଶ୍ୱର ଯୁଗଳ ଶଙ୍ଖବାଦ୍ୟ ଅନୁଷ୍ଠାନର କଳାକାର ଶଙ୍ଖନାଦ କରିଥିଲେ । ତା'ପରେ ପରେ ଗଞ୍ଜାମ ଜିଲ୍ଲା ହରିପ୍ରିୟାପୁର ଗ୍ରାମର ଦେବେନ୍ଦ୍ରନାଥ ଦାଶ ଏବଂ ସାଥୀ ଦାସକାଠିଆ, ପୁରୀ ଜିଲ୍ଲା ଖଜୁରିଆସ୍ଥିତ ନୀଳକଣ୍ଠେଶ୍ୱର ଗୋଟିପୁଅ ଗୁରୁକୁଳ ଡ୍ୟାନ୍ସ ଏକାଡେମୀ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିର ବିଚିତ୍ରବର୍ଣ୍ଣାଳି ନାଟ୍ୟ ସଂସଦ, ପୁରୀ ବାସେଳି ସାହିର ମାଲଖମ୍ବ ୟୁନାଇଟେଡ୍, ବ୍ରହ୍ମପୁର ସ୍କେଟିଙ୍ଗ୍ ଏକାଡେମୀ, ଭୁବନେଶ୍ୱର, ସମ୍ବଲପୁରର ଆଦିବାସୀ ଏବଂ ଲୋକକଳା ସେଂଟର, ଖୋର୍ଦ୍ଧା ଜିଲ୍ଲା ସାଗୁଆନ୍ ବଗିଚା ସ୍ଥିତ କଳିଙ୍ଗ ପାଇକ କ୍ରିଏସନ୍, ଓଡ଼ିଶା ସାମରିକ କଳା, ଗଞ୍ଜାମ ଜିଲ୍ଲା ଶ୍ରୀ କାଳେଶ୍ୱର ରଣପା ନୃତ୍ୟ, କନ୍ଧମାଳ ଜିଲ୍ଲା ମା'ସୁବର୍ଣ୍ଣଗିରି ଆଦିବାସୀ ଲୋକକଳା ସାଂସ୍କୃତିକ ସଂଘ, ରାୟଗଡ଼ାସ୍ଥିତ ଗାୟତ୍ରୀ କଳା ସଂଗଠନ ଓ ବରଗଡ଼ ଜିଲ୍ଲାର କଳାଜୀବୀ କଳା ଅନୁଷ୍ଠାନ ଲୋକକଳା, ପାରମ୍ପରିକ ସାମରିକ କଳା ଓ ଜନଜାତି କଳା ପ୍ରଦର୍ଶନ କରିଥିଲେ। ଲୋକନୃତ୍ୟ, ଲୋକସଂଗୀତ ଓ ଲୋକବାଦ୍ୟରେ ଝୁମି ଉଠିଥିଲା ସଂପୂର୍ଣ୍ଣ ପ୍ରେକ୍ଷାଳୟ। କଳାକାରମାନଙ୍କ ଆକର୍ଷଣୀୟ କଳାନୈପୁଣ୍ୟରେ ରାଜ୍ୟପାଳଙ୍କ ସମେତ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଭିଭୂତ ଓ ବିଭୋର ହୋଇଥିଲେ । ରାଜ୍ୟପାଳ କାଳାଞ୍ଜଳି ଆର୍ଟିଷ୍ଟ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଂପାଦିକା ଶ୍ରୀମତୀ ରାମେଶ୍ୱରୀ ନନ୍ଦଙ୍କ ସହିତ କଳା ପ୍ରଦର୍ଶନ କରିଥିବା ସମସ୍ତ ଅନୁଷ୍ଠାନ ଓ କଳାକେନ୍ଦ୍ରକୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ଖରିଫରେ ଉନ୍ନତ କିସମ ବିହନ ଯୋଗାଣ ଜାରି

ଭୁବନେଶ୍ୱର,(ପି.ଏନ): ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଚଳିତ ଖରିଫରେ ଉନ୍ନତ କିସମର ବିହନ ଯୋଗାଣ ଜାରି ରହିଛି। ଜୁଲାଇ ଦଶ ତାରିଖ ସୁଦ୍ଧା ପ୍ରାୟ ୩ ଲକ୍ଷ ୫୦ ହଜାର କ୍ୱିଂଟାଲ ଧାନ ଓ ଅଣଧାନ ବିହନ ରାଜ୍ୟର ସମସ୍ତ ଜିଲ୍ଲାର ଡିଲର ଏବଂ ପ୍ୟାକସ୍ ମାଧ୍ୟମରେ ଯୋଗାଣ କରାଯାଇଛି। ଚଳିତ ବର୍ଷ ବିଳମ୍ବିତ ମୌସୁମୀ ଓଡ଼ିଶାକୁ ଛୁଇଁଥିବା ହେତୁ ବିହନ ଯୋଗାଣ କ୍ଷେତ୍ରରେ ବିଳମ୍ବ ପରିଲକ୍ଷିତ ହେଉଛି, ଯାହା ଆଗାମୀ ଦିନରେ ସୁଧୁରି ଯାଇପାରେ ଏବଂ ଜୁଲାଇ ମାସ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ। ବିହନ ଯୋଗାଣ ଜାରି ରହିଛି ଏବଂ ଖରିଫ ଋତୁରେ ୪ ଲକ୍ଷ କ୍ୱିଂଟାଲରୁ ଅଧିକ ବିହନ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି । ବୁଧବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ଖରିଫରେ ଧାନ ଓ ଅଣଧାନ ବିହନ ଯୋଗାଣ ସଂପର୍କରେ ସମୀକ୍ଷା କରିଥିଲେ। ବିହନ ଯୋଗାଣ ପ୍ରକ୍ରିୟାରେ ଡିବିଟି ମାଧ୍ୟମରେ ଚାଷୀମାନଙ୍କୁ ରିହାତି ପ୍ରଦାନ କରାଯାଇଛି । ରିହାତି ପ୍ରଦାନରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ରିହାତି ରାଶି ଓଟିପି ମାଧ୍ୟମରେ ଚାଷୀମାନଙ୍କୁ ଆକାଉଂଟକୁ ସିଧାସଳଖ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ସ୍ୱଚ୍ଛତା ଦୃଷ୍ଟିରୁ ଏହା ଏକ ଉତମ ପଦକ୍ଷେପ ବୋଲି ଡ. ପାଢ଼ୀ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଚାଷୀମାନଙ୍କ ହିତ ଦୃଷ୍ଟିରୁ ଓଟିପି ବ୍ୟବସ୍ଥାକୁ ଅଧିକ ସରଳୀକରଣ କରିବା ପାଇଁ ଗୋଟିଏ ମୋବାଇଲ ନମ୍ବରରେ ଦଶ ଜଣ ଚାଷୀଙ୍କ ପାଇଁ ଓଟିପି ଜାରି କରାଯାଉଛି। ଚାଷୀ ପିଛା ସର୍ବାଧିକ ୩ ହେକ୍ଟର ଚାଷଜମି ପାଇଁ ବିହନରେ ରିହାତି ଦିଆଯାଉଛି। ଚଳିତ ଖରିଫରେ ଦଶବର୍ଷରୁ ଅଧିକ ଧାନ ବିହନରେ ରିହାତି କ୍ୱିଂଟାଲ ପିଛା ୧୨୫୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ ଦଶବର୍ଷରୁ କମ୍ ଅବଧିବିଶିଷ୍ଟ ଧାନ ବିହନରେ କ୍ୱିଣ୍ଟାଲ ପ୍ରତି ୧୫୦୦ ଟଙ୍କା ରିହାତି ବ୍ୟବସ୍ଥା ରହିଛି । ସେହିପରି ଖରିଫରେ ଚାଷୀମାନଙ୍କୁ ଆଳୁ ବିହନ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ଏବଂ ଚାଷୀମାନଙ୍କ ଖରିଫରେ ଆଳୁ ବିହନ ପ୍ରତି ଅଧିକ ଆଗ୍ରହ ପରିଲକ୍ଷିତ ହେଉଛି । ଅଦ୍ୟାବଧି ୪୦ ହଜାର କ୍ୱିଣ୍ଟାଲ ପ୍ରାମାଣିକ ଆଳୁ ବିହନ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି, ଯାହାକି ପୂର୍ବବର୍ଷ ରବି ଋତୁଠାରୁ ଅଧିକ ବୋଲି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଛନ୍ତି ।ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଭବେଶ କୁମାର ନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗାଦେଇଥିଲେ ।

# ଓଡିଶାରେ ମିଶନ ଶକ୍ତି ମୂଳ ଲକ୍ଷ୍ୟରୁ ପଥଭ୍ରଷ୍ଟ ହୋଇଛି : ବିଜେପି

ଭୁବନେଶ୍ୱର,(ପି.ଏନ): ମିଶନ ଶକ୍ତିକୁ ଶାସକ ବିଜେଡିର ଦଳୀୟ କାର୍ଯ୍ୟରେ ଲଗାଇବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ଉଦ୍ୟମ କରୁଛନ୍ତି ଓ ଏହାର ନେତୃତ୍ୱ ନେଉଛନ୍ତି ବିଭାଗୀୟ ସଚିବ ଶ୍ରୀମତୀ ସୁଜାତା ଆର ପାଣ୍ଡିଆନ। ମିଶନ ଶକ୍ତିର ଅଧିକାରୀମାନଙ୍କ ବୈଠକରେ ଯୋଗ ଦେଇ ଶ୍ରୀମତୀ ପାଣ୍ଡିଆନ ଦେଇଥିବା ବକ୍ତବ୍ୟର ଭାଷା ସମସ୍ତଙ୍କୁ ଆଚମ୍ବିତ କରିଛି । ସରକାରୀ ଦଳର ଏଜେଣ୍ଡାକୁ ସଠିକ ଭାବେ କାର୍ଯ୍ୟକାରୀତା କରିବାରେ ବିଫଳ ହେଲେ ସ୍ଥାନୀୟ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ନକଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ଧମକ ମଧ୍ୟ ଦିଆଯାଇଛି । ଲକ୍ଷ୍ମୀଯୋଜନା, ବିଏସକେୱାଇ ଯୋଜନାରେ ଏସଏଜି ମହିଳାଙ୍କୁ ଯୋଡିବା ପାଇଁ ଚିପ୍ ବେସ୍ ସ୍ମାର୍ଟକାର୍ଡ ଦିଆଯିବ। ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଭୋଟରମାନଙ୍କୁ କଳାଟଙ୍କା ପଠାଇବାର ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ଯେଉଁମାନେ ଭଲ କାମ କକରିବେ, ତାଙ୍କୁ ଦୁବାଇ, ସିଙ୍ଗାପୁର ବୁଲାଇବାକୁ ନିଆଯିବ ବୋଲି ମଧ୍ୟ ବିଭାଗୀୟ ସଚିବ ଉକ୍ତ ବୈଠକରେ କହିଛନ୍ତି ବୋଲି ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।ରାଜ୍ୟ ସରକାର ମା'ଙ୍କୁ ସମ୍ମାନ ଦେବା କଥା କହିବା କେବଳ ଲୋକଦେଖାଣିଆ। ନିଜ ଦଳର ପ୍ରଚାର ପ୍ରଚାର ପାଇଁ ରାଜ୍ୟ ସରକାର ମିଶନଶକ୍ତିକୁ ବ୍ୟବହାର କରୁଛନ୍ତି। ମିଶନଶକ୍ତି ଜରିଆରେ ଅନ୍ୟ ରାଜ୍ୟମାନଙ୍କରେ ୪୦ ହଜାର କୋଟି ଟଙ୍କାର ଆର୍ଥିକ କାରବାର ହେଉଥିବାବେଳେ ଓଡ଼ିଶାରେ ମାତ୍ର ୧୧ ହଜାର କୋଟି ଟଙ୍କାର ଆର୍ଥିକ କାରବାର ହେଉଛି। ରାଜ୍ୟର ୩୧୪ ବ୍ଲକରୁ ୨୮୯ଟିରେ ମିଶନଶକ୍ତି ମହିଳା ବାସ୍ତବ ରୂପରେ ସାମିଲ ହୋଇନାହାନ୍ତି। ବ୍ଲକସ୍ତରରେ ମିଶନଶକ୍ତି ମା'ମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗ ପଞ୍ଜିକରଣ ଦିଗରେ ସାରା ଓଡ଼ିଶାରେ ମାତ୍ର ୭୦୦ଟି ଉଦ୍ୟୋଗୀ ପଞ୍ଜିକରଣ ହୋଇଛି। ମିଶନ ଶକ୍ତିର ବିଫଳତାକୁ ଏହି ଅଡିଓ ଜରିଆରେ ବିଭାଗୀୟ ସଚିବ ସ୍ୱୀକାର କରିଛନ୍ତି। ବାସ୍ତବରେ ରାଜ୍ୟରେ ମିଶନ ଶକ୍ତି ସଂପୂର୍ଣ୍ଣ ଫେଲ ମାରିଛି ଏବଂ ଲକ୍ଷ୍ୟଚ୍ୟୁତ ହୋଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ରାଜ୍ୟ ସରକାର ଯଦି ବାସ୍ତବରେ ଅନେକ ଲୋକାଭିମୁଖି ଯୋଜନା କରୁଛନ୍ତି ଏବଂ ଲୋକଙ୍କ ସମସ୍ୟା ଶୁଣିବା ପାଇଁ ୫-ଟି ସଚିବ ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି, ତାହେଲେ ଗତ କାଲିର ସମୀକ୍ଷାରେ ୧୮ ହଜାର ଅଭିଯୋଗ ଆସିଲା କେମିତି ? ସେହିପରି ସଚିବମାନଙ୍କୁ ବିଭିନ୍ନ ବ୍ଲକ ଓ ଜିଲ୍ଲା ଗସ୍ତ କରି ରାତ୍ରୀଯାପନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ..........




ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Thursday July 13, 2023 ଭୁବନେଶ୍ୱର ଗୁରୁବାର, ଜୁଲାଇ ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ପ୍ରଧାନମନ୍ତ୍ରୀ ମୋଦି କେବଳ ରାହୁଲ ଗାନ୍ଧୀଙ୍କୁ ଡରୁଛନ୍ତି : କଂଗ୍ରେସ

ଭୁବନେଶ୍ୱର ,(ପି.ଏନ): ଆଜି ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗଣତନ୍ତ୍ର ତଥା ସମ୍ବିଧାନର ସୁରକ୍ଷା ପାଇଁ ସାଲିସ୍‌ବିହୀନ ସଂଗ୍ରାମ ଜାରି ରଖିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମୋଦି ଓ କେନ୍ଦ୍ର ବିଜେପି ସରକାର ସମସ୍ତ କ୍ଷମତାର ଦୁରୁପଯୋଗ କରି ମଧ ତାଙ୍କୁ ନୀରବ କରିବାରେ ବିଫଳ ହୋଇଛନ୍ତି । ସଂସଦରୁ ବହିଷ୍କୃତ ହୋଇ ମଧ ଦେଶର ପ୍ରମୁଖ ପ୍ରସଙ୍ଗ ଗୁଡ଼ିକୁ ସେ ସାହସର ସହ ଉତ୍‌ଥାପନ କରିବା ସହ ମୋଦି ସରକାରର ଅପକର୍ମ ଓ ଜନବିରୋଧି ନିଷ୍ପତିର ପର୍ଦ୍ଦାଫାଶ କରୁଛନ୍ତି ଓ ଆଗକୁ ମଧ କରିଚାଲିବେ । ଆଜି ପ୍ରଦେଶ କଂଗ୍ରେସ ତରଫରୁ ଭୁବନେଶ୍ୱରରେ ଆୟୋଜିତ ମୌନ ସତ୍ୟାଗ୍ରହ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ସଫଳ ହୋଇଛି ଓ ଏହା ଏହି ସଂଦେଶ ଦେଉଛି ଯେ ରାଜ୍ୟର ସମସ୍ତ କଂଗ୍ରେସ ନେତା ଓ କର୍ମୀ ରାହୁଲ ଗାନ୍ଧୀଙ୍କ ସହ ଏକ ହୋଇ ଅଛନ୍ତି । ଆଜି ଏହି ମୌନ ସତ୍ୟାଗ୍ରହର ସଫଳତା ପାଇଁ ସଭାପତି ଶ୍ରୀ ପଟ୍ଟନାୟକ ରାଜ୍ୟର ସମସ୍ତ କଂଗ୍ରେସ ନେତା, ବିଧାୟକ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ, ଜିଲ୍ଲା ସଭାପତି ତଥା ସେବାଦଳ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ସମସ୍ତ ଛାମୁଆ ସଂଗଠନ ନେତୃବର୍ଗ ତଥା ପଦାଧିକାରୀ ବର୍ଗଙ୍କୁ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବା ହେତୁ ଧନ୍ୟବାଦ ଜଣାଇଛନ୍ତି । ଆସନ୍ତା ଦିନରେ କଂଗ୍ରେସ ଦଳ ସାରା ରାଜ୍ୟରେ ସତ୍ୟ ଓ ଅହିଂସାକୁ ପାଥେୟ କରି ତାର କାର୍ଯ୍ୟକ୍ରମ ଜାରି ରଖିବ । ଓ ଡ଼ି ଶ । ପ୍ରଭାରୀ, ସାଂସଦ ଡ. ଏ ଚେଲ୍ଲା କୁମାର ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ରାହୁଲ ଗାନ୍ଧୀ



ସଂସଦରେ ନରେନ୍ଦ୍ର ମୋଦି ଏବଂ ଆଦାନୀଗ୍ରୁପର ସଂପର୍କ, ଆଦାନୀ ଗ୍ରୁପର ପରିବାର ଦ୍ୱାରା ପରିଚାଳିତ ସେଲ କମ୍ପାନୀ ମାଧ୍ୟମରେ ହଜାର ହଜାର କୋଟି ଟଙ୍କାର କାରବାର, ପ୍ରଧାନମନ୍ତ୍ରୀଙ୍କର ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇ ଆଦାନୀକୁ ବ୍ୟବସାୟୀ ସହାୟତା ପ୍ରଦାନ କରିବା, ଏଲଆଇସି, ଏସ୍‌ବିଆଇର ଆଦାନୀ ଗ୍ରୁପ ଅଫ କମ୍ପାନୀରେ ପୁଁ ବିନିଯୋଗ ତଥା ଯେଉଁ ୨୦ ହଜାର କୋଟି ଟଙ୍କା ସେଲ କମ୍ପାନୀମାନଙ୍କ ମାଧ୍ୟମରେ ଆଦାନୀ ଗ୍ରୁପ ଅଫ କମ୍ପାନୀରେ ଖଟା ଯାଇଛି ଏ ଟଙ୍କା କାହାର ? ଏ କଥା ନରେନ୍ଦ୍ର ମୋଦି ଏବଂ ତାଙ୍କ ସରକାରକୁ ବହୁ ବିଚଳିତ କରିଛି । ସେଥିପାଇଁ ପ୍ରଧାନମନ୍ତ୍ରୀ ନିଜେ ବ୍ୟକ୍ତିଗତ ସ୍ତରରେ ଏବଂ ତାଙ୍କ ସରକାର ଆଜି ରାହୁଲ ଗାନ୍ଧୀଙ୍କ ପାର୍ଲ୍ୟାମେଂଟର ସଭ୍ୟ ପଦକୁ ରୁଦ୍ଧ କରାଇଲେ ତାଙ୍କୁ ତାଙ୍କ ସରକାରୀ ବାସଗୃହରୁ ବାହାର କରିଦେଲେ । ଏପରିକି ଯେଉଁ ମାନହାନୀ ମୋକଦ୍ଦମା କଥା କୁହାଯାଉଛି ତାହା ମଧ ଏକ ବଡ଼ ଷଡଯନ୍ତ୍ର । ଆଇନର ସଂପୂର୍ଣ୍ଣ ତର୍ଜମା ସରିନାହିଁ କି ଆଇନର ବାଟ ମଧ ସରିନାହିଁ । କଂଗ୍ରେସ ଦଳ ଗୁଜୁରାଟ ହାଇକୋର୍ଟର ନିଷ୍ପତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯିବ ଏବଂ ଆମର ପୂର୍ଣ୍ଣ ବିଶ୍ୱାସ ଅଛି ମାନ୍ୟବର ସୁପ୍ରିମକୋର୍ଟ ନିଶ୍ଚିତ ନ୍ୟାୟ ପ୍ରଦାନ କରିବେ । ରାହୁଲ ଗାନ୍ଧୀ ଜଣେ ଭୟଶୂନ୍ୟ ବ୍ୟକ୍ତି । ସତ୍ୟ, ଅହିଂସା, ପ୍ରେମ, ଭାତୃତ୍ୱ ଓ ସଦ୍‌ଭାବନାକୁ ପାଥେୟ କରି ସେ ତାଙ୍କର ଭବିଷ୍ୟତ ରଣନୀତି ଲଢ଼ିବା ପାଇଁ ସ୍ଥିର କରିସାରିଛନ୍ତି । କଂଗ୍ରେସ ଦଳ ନରେନ୍ଦ୍ର ମୋଦିଙ୍କକ ସରକାରର ନାଲି ଆଖିକୁ ଭୟ କରେ ନାହିଁ । ଇଡି, ସିବିଆଇ, ଇନକମଟ୍ୟାକ୍ସର ଭୟ ଦେଖାଇ ଭାରତ ବର୍ଷର ଗଣତନ୍ତ୍ରକୁ ସୁଦୃଢ଼ କରାଯାଇ ପାରିବ ନାହିଁ । ଯେଉଁ ସ୍ୱେଚ୍ଛାଚାରୀମାନେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଭଲ ପାଆନ୍ତି ନାହିଁ । ଗାନ୍ଧୀ ପରିବାର ଭାରତ ବର୍ଷର ଐକ୍ୟ ସଂହତୀ ରକ୍ଷା କରିବାପାଇଁ ଜଣେ ପରେ ଜଣେ ନିଜ ଜୀବନ ବଳଦ ଦେଇଛନ୍ତି । ଯେଉଁ ମାନହାନୀ ମୋକଦ୍ଦମା କଥା କୁହାଯାଉଛି ସେଥିରେ ଯେଉଁ ବ୍ୟକ୍ତି କେସ ଦାୟର କରିଛନ୍ତି ତାଙ୍କ ବିରୋଧରେ ରାହୁଲ ଗାନ୍ଧୀ ବ୍ୟକ୍ତିଗତ ଭାବରେ କୌଣସି ଅରୁଚିକର ବା ଆପତିଜନକ ମନ୍ତବ୍ୟ ଦେଇନାହାନ୍ତି । ତେଣୁ ସମ୍ମାନହାନୀର ପ୍ରଶ୍ନ ଉଠିଲା କେଉଁଠି । ଭାରତ ବର୍ଷର ଜନସାଧାରଣ ଏ ଘଟଣାକୁ ସଂପୂର୍ଣ୍ଣ ବୁଝି ସାରିଛନ୍ତି । ନିଶ୍ଚିତରୂପେ ଏହାର ଉତର ଭାରତ ବର୍ଷର ଜନସାଧାରଣ ଠିକଣା ସମୟରେ ଦେବେ । ରାହୁଲ ଗାନ୍ଧୀ ସଂସଦରେ ନରହିଲେ ମଧ ସଂସଦ ବାହାରେ ଭାରତ ବର୍ଷର ଗରିବ, ଶ୍ରମିକ, ଯୁବକ, ମହିଳା, କୃଷକ ମାନଙ୍କ ସ୍ୱାର୍ଥ ପାଇଁ ନିରନ୍ତର ଲଢ଼େଇ ଜାରି ରଖିଛନ୍ତି ଓ ରଖିବେ । ଏହି ମୌନ ସତ୍ୟାଗ୍ରହ ଓଡ଼ିଶା ପ୍ରଦେଶ କଂଗ୍ରେସ ଅତି ସଫଳତାର ସହିତ ସମାପନ କରିଥିବା ହେତୁ ସାରା ଓଡ଼ିଶାର ସମସ୍ତ ନେତୃବର୍ଗ ଜିଲ୍ଲା ସଭାପତି ଏବଂ ସମସ୍ତ ଛାମୁଆ ସଂଗଠନକୁ ଧନ୍ୟବାଦ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ ବିଧାୟକ ତାରା ବାହିନୀପତି, ସନ୍ତୋଷ ସିଂ ସାଲୁଜା, ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା, ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଯଜ୍ଞେଶ୍ୱର ବାବୁ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଉପସ୍ଥିତ ଥିଲେ ।

# ହାଇଓ୍ୱା ଧକ୍କାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଲା; ଘଟଣାସ୍ଥଳରେ ଉତ୍ତେଜନା

ଫୁଲନଖରା, ,(ପି.ଏନ):ସଦର ଥାନା ଅରଡ଼ିଆପଦା ଅନ୍ତର୍ଗତ ନାଥସାହି ରାଧାମାଧବ ମନ୍ଦିର ନିକଟରେ ଏକବାଲି ବୋଝେଇ ହାଇଓ୍ୱା ଧକ୍କା ଦେବା ଯୋଗୁଁ ସେଠାରେ ଥିବା ଲାଗଲାଗ ତିନୋଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି । ଏହାଦ୍ୱାରା ଦୀର୍ଘ ସମୟ ଧରି ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା । ଯାହାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଅରିଲୋ-ମହୀଧରପଡ଼ା ରାସ୍ତା ଅବରୋଧ କରି ଯାନବାହନ ଚଳାଚଳକୁ ବନ୍ଦ କରିଥିଲେ । ଖବର ପାଇ ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, ଏସିପି ଚନ୍ଦନ ଘଡ଼େଇ, ଫୁଲନଖରା ବିଦ୍ୟୁତ ବିଭାଗ ପରିଚାଳକ ଇଂ.ନଳିନୀକାନ୍ତ ବିଶ୍ୱାଳ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ । ନୂତନ ବିଦ୍ୟୁତ ଖୁଣ୍ଟ ଓ କେବୁଲ ଲଗାଯିବା ପରେ ବିଦ୍ୟୁତ ସରବରାହ ଚାଲୁ ହୋଇଥିଲା । ଘଟଣାରୁ ପ୍ରକାଶ ଯେ, କୋରକରା ଓ ଶଙ୍ଖତ୍ରାସ ଘାଟରୁ ପ୍ରତିଦିନ



ସଂଖ୍ୟାଧିକ ହାଇଓ୍ୱା ରାତି ସମୟରେ ବାଲି ଚାଲାଣରେ ନିୟୋଜିତ ରହିଛନ୍ତି । ତେବେ ଏହି ଯାନର ଚାଳକମାନେ ବେପରଓ୍ୱାଭାବେ ଗାଡ଼ି ଚଳାଉଥିବାରୁ ଅତୀତରେ ଏକାଧିକ ଦୁର୍ଘଟଣା ହୋଇ ଧନ ଜୀବନ ହାନୀ ହୋଇଛି । ଗତ କାଲି ବିଳମ୍ବିତ ରାତିରେ ଏକ ହାଇଓ୍ୱା ଲଗାତାର ତିନୋଟି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ତ୍ରିନାଥବଜାର ଦିଗରେ ଦ୍ରୁତ ବେଗରେ ପଳାଇଥିଲା । ଏ ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ହାଇଓ୍ୱା ଚାଳକ ଓ ଗାଡ଼ିକୁ ଠାବ କରିବାକୁ ଉଦ୍ୟମ ଚଳାଇଛି ।

# ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଝିଙ୍କିକା ମାରି ବଣି ପୋଷିବା ନ୍ୟାୟ ବିଜ୍ଞାପନ ନୀତି ଯୋଗୁଁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ବନ୍ଦ ହେବ

ଭୁବନେଶ୍ୱର,(ପି.ଏନ): ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ବାଦପତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବିଶେଷକରି ଗ୍ରାମାଞ୍ଚଳରେ ପ୍ରକାଶ ପାଉଥିବା ଛୋଟ ଛୋଟ ସମ୍ବାଦପତ୍ରମାନଙ୍କର ବି ପାଠକ ରହିଛନ୍ତି ତେବେ ଏଗୁଡ଼ିକ କ୍ରମାଗତ ଭାବେ ଅବହେଳା କରାଯିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟ ବିଷୟ ବୋଲି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଉଦବେଗ ପ୍ରକାଶ କରିଛନ୍ତି ସାମ୍ବାଦିକତା ଏକ ବୃତ୍ତି ନୁହେଁ ଏକ ମିଶନ ବୋଲି ମୁଖ୍ୟମନ୍ତ୍ରୀ ନିକଟରେ କହିଥିବା ବେଳେ ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କୁ ଉପଯୁକ୍ତ ସହାୟତା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ଏବଂ ରାଜ୍ୟ ସରକାରଙ୍କ ଝିଙ୍କିକା ମାରି ବଣି ପୋଷିବା ନ୍ୟାୟ ଏବଂ କ୍ରମାଗତ ଭାବେ ଅବହେଳାର ଶିକାର ହୋଇ ଆସୁଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଆପେ ଆପେ ବନ୍ଦ ହୋଇଯିବ ବୋଲି ସଭାପତି ଶ୍ରୀ ରଥ କହିଛନ୍ତି ବଡ଼ ବଡ଼ ସମ୍ବାଦପତ୍ର, ଇଲୋକ୍‌ଟ୍ରୋନିକ୍ସ ମିଡିଆ ଏବଂ ଇଂରାଜୀ ଖବର କାଗଜଗୁଡ଼ିକୁ କୋଟି କୋଟି ଟଙ୍କାର ବିଜ୍ଞାପନ ଦେଉଥିବା ବେଳେ ଛୋଟ ଛୋଟ ସମ୍ବାଦପତ୍ର ଗୁଡ଼ିକୁ ହେୟଜ୍ଞାନ କରିବା ଅତ୍ୟନ୍ତ ପରିତାପର ବିଷୟ ଏଠାରେ ଉଲ୍ଲେଖ କରାଯାଇପାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ସମ୍ବାଦପତ୍ରଗୁଡ଼ିକର ବାର୍ଷିକ ଉତ୍ସବରେ ପ୍ରୋତ୍ସାହନ ନିମନ୍ତେ ଏକ ବିଜ୍ଞାପନ ପ୍ରଦାନ କରିବା ବିଧି ରହିଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାର ଏହି ସମସ୍ତ ବ୍ୟବସ୍ଥାକୁ ଉଲ୍ଲଂଘନ କରି ବିଜ୍ଞାପନ ପ୍ରଦାନ ବନ୍ଦ କରି ଦେଇଛନ୍ତି ବଡ଼ ବଡ଼ ବୋଲାଉଥିବା ସମ୍ବାଦପତ୍ରଗୁଡ଼ିକୁ ରାଜ୍ୟ ସରକାରଙ୍କ ପ୍ରଚାର ପାଇଁ ଲକ୍ଷାଧିକ ଟଙ୍କାର ବିଜ୍ଞାପନ ଦେଉଥିବା ବେଳେ କର୍ପୋରେଟ ହାଉସ ମଧ ସେମାନଙ୍କୁ ବିପୁଳ ପରିମାଣର ବିଜ୍ଞାପନ ପ୍ରଦାନ କରିଥାନ୍ତି ଅପରପକ୍ଷରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ କେବଳ ସରକାରୀ ବିଜ୍ଞାପନ ଉପରେ ନର୍ଭିର କରିଥାନ୍ତି ଏହି ବ୍ୟବସ୍ଥା ହୋଇଗଲେ ସମ୍ବାଦପତ୍ରଗୁଡ଼ିକ ପ୍ରକାଶନରେ ବାଧା ସୃଷ୍ଟି କରିବ ପୂର୍ବରୁ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ଯେକୌଣସି ପଞ୍ଜିକୃତ ସମ୍ବାଦପତ୍ର ବାର୍ଷିକ ଉତ୍ସବ ପାଇଁ ନିବେଦନ କଲେ ଦୁଇ ହଜାର ଟଙ୍କାର ବିଜ୍ଞାପନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥାଏ ପରବର୍ତ୍ତୀ କାଳରେ ଲୋକ ସମ୍ପର୍କ ବିଭାଗର ଅନୁମୋଦନ ପାଇଥିବା ସମ୍ବାଦପତ୍ରଗୁଡ଼ିକୁ ବାର୍ଷିକ ଉତ୍ସବରେ ବିଜ୍ଞାପନ ପ୍ରଦାନ କରାଯାଉଥିଲା ତାହା ମଧ ବର୍ତ୍ତମାନ ବନ୍ଦ କରି ଦିଆଯାଇଛି ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର 'ନବୀନ'ର ୯୪ତମ ସ୍ୱନକ୍ଷତ୍ର ଉତ୍ସବ ଓ କଟକରୁ ପ୍ରକାଶ ପାଉଥିବା 'କଳିଙ୍ଗପ୍ରଭା'ର ବାର୍ଷିକ ଉତ୍ସବ ଭଳି ବହୁ ସମ୍ବାଦପତ୍ର ବିଜ୍ଞାପନ ନିମନ୍ତେ ଆବେଦନ କରିଥିଲେ ମଧ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଘୋଷିତ ଭାବେ ସ୍ୱନକ୍ଷତ୍ର ଉତ୍ସବ ବିଜ୍ଞାପନ ବନ୍ଦ କରି ଦେଇଥିବା ଯୋଗୁଁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି ଜାତୀୟ ଦିବସ, ଦୁର୍ଗା ପୂଜା ଓ ଉତ୍କଳ ଦିବସରେ ସରକାରଙ୍କ ପକ୍ଷରୁ ୮୫୦ ସ୍କ୍ୱାୟାର ସିଏମର କ୍ଲାସିଫାଇଡ୍ ? ବିଜ୍ଞାପନ ପ୍ରଦାନ କରାଯାଉଥିଲା ତାହା ମଧ ବର୍ତ୍ତମାନ ଦିଆଯାଉନାହିଁ ରାଜ୍ୟ ଲୋକ ସମ୍ପର୍କ ବିଭାଗ ଡିଏଭିପିର ବିଜ୍ଞାପନ ଦେୟ ପ୍ରକାରେ ଅନୁମୋଦିତ ସମ୍ବାଦପତ୍ରଗୁଡ଼ିକୁ ମିଳିବା କଥା କିଛି ନିର୍ଦ୍ଦିଷ୍ଟ ସମ୍ବାଦପତ୍ରଗୁଡ଼ିକୁ ଛାଡ଼ିଦେଲେ ଅନ୍ୟମାନଙ୍କୁ ଦିଆଯାଉନାହିଁ ଜିଏସଟି ନମ୍ବରର ଆଳ ଦେଖାଇ କେତେକ ଖବରକାଗଜରେ ପ୍ରକାଶିତ ବିଜ୍ଞାପନ ଦେୟ ଅଦ୍ୟାବଧି ମିଳିନାହିଁ ବର୍ଷ ବର୍ଷ ଧରି ନିବେଦନ କରିଥିଲେ ମଧ ତାହା ଫଳପ୍ରଦ ହୋଇନାହିଁ କେତେକ ସମ୍ବାଦପତ୍ର ଅନୁମୋଦନ ପାଇଁ ବିଭାଗରେ ପଡ଼ି ରହିଥିଲେ ମଧ ସେଗୁଡ଼ିକୁ କାଯର୍ ?ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଉନାହିଁ ଯଦି ସେମାନଙ୍କର ଆବଶ୍ୟକୀୟ କାଗଜପତ୍ର ନଥିବ ତାହାକୁ ନାକଚ୍ କରିବା କଥା, ତାହା ମଧ କରାଯାଉନାହିଁ ପୂର୍ବରୁ ଜିଲ୍ଲାପାଳମାନେ କିଛି କିଛି ବିଜ୍ଞାପନ ପ୍ରଦାନ କରୁଥିଲେ ବର୍ତ୍ତମାନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପତ୍ର ଅନୁଯାୟୀ ସେମାନେ ମଧ କୌଣସି ସମ୍ବାଦପତ୍ରକୁ ବିଜ୍ଞାପନ ଦେଉନାହାନ୍ତି ଅପରପକ୍ଷରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକମାନଙ୍କୁ ସାମିଲ କରାଯାଇଥିଲେ ମଧ ଆରଏନଆଇ ଦ୍ୱାରା ପଞ୍ଜିକୃତ ହୋଇଥିବା ଏବଂ ଧାରାବାହିକ ଭାବେ ପ୍ରକାଶିତ ହେଉଥିବା ସମ୍ବାଦପତ୍ରର ସମ୍ପାଦକମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଦାବି ହେଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ଓଡ଼ିଶାରେ ୫-ଟି ଶାସନ ଚାଲିଥିବା ବେଳେ କିଭଳି ଭାବେ କିଭଳି ଭାବେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି ତାହା ବାସ୍ତବରେ ଅତ୍ୟନ୍ତ ନିନ୍ଦନୀୟ ଘଟଣା ତେଣୁ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ପକ୍ଷରୁ ଦାବି ହେଉଛି ।

# ମାଲକାନଗିରି ମହାବିଦ୍ୟାଳୟର ୪୪ ତମ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି,(ପି.ଏନ): ମାଲକାନଗିରି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ମାଲକାନଗିରି ସଭା ଗୃହରେ ବହୁ ଆଡ଼ମ୍ବରରେ ପାଳିତ ହୋଇଅଛି । ଏହି ସଭାକୁ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଅଧ୍ୟକ୍ଷ ଆଇନଜୀବି ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗଦାନ କରି ମାଲକାନଗିରି ମହାବିଦ୍ୟାଳୟର ପୁରୁଣା ସ୍ମୃତିକୁ ମନେ ପକାଇ ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢି ଉତମ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ରୂପେ ପରିଚାଳନା କମିଟିର ସଭାପତି ଡ଼ଃ. ଉଦୟ ନାଥ ଖରା ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ପୂର୍ବତନ ବିଧାୟକ ତଥା ମାଲକାନଗିରି ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଗଙ୍ଗାଧର ମାଡ଼ିଙ୍କ ଉଦ୍ୟମରେ ଏହି ମହାବିଦ୍ୟାଳୟ କିପରି ଗଢି ଉଠିଲା ତାହା ଆଲୋକପାତ କରିଥିଲେ ।

# କନ୍ଧମାଳ ବରିଷ୍ଠ ନାଗରିକଙ୍କ ସଂଘ ପକ୍ଷରୁ ଜୁଲାଇ ୧୬ତାରିଖ ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): କନ୍ଧମାଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ ସଂଘ କନ୍ଧମାଳ ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପ ଫୁଲବାଣୀ ଠାରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିବା ପାଇଁ ଡ୍ରିମଲ୍ୟାଣ୍ଡ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୁଲାଇ ୧୬ତାରିଖ ରବିବାର ଦିନ ଭୁବନେଶ୍ୱର କଳିଙ୍ଗ ହସପିଟାଲ ପକ୍ଷରୁ ଅଭିଜ୍ଞ ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେବାର ବ୍ୟବସ୍ଥା କରାଯାଇଛି ।ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ କଳିଙ୍ଗ ହସପିଟାଲର ହୃଦରୋଗ ବିଶେଷଜ୍ଞ, ସ୍ନାୟୁ ବିଶେଷଜ୍ଞ, ମେଡିସିନ ବିଶେଷଜ୍ଞ, ଦନ୍ତ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । କନ୍ଧମାଳ ଜିଲା ରେ ସ୍ୱାସ୍ଥ୍ୟ ସେବା ସଂମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ।ଜିଲାରେ



ନବେ ଭାଗ ବିଶେଷଜ୍ଞ ନାହାନ୍ତି । ଜନସାଧାରଣ ସାଧାରଣ ଜ୍ୱର କାଶ,ହେଲେ ବ୍ରହ୍ମପୁର ଓ କଟକ ରେଫର କରାଯାଉଛି । ସାମାନ୍ୟ କେସରେ ରେଫର କରୁଥିବାରୁ ମେଡ଼ିକାଲ କଲେଜର ଡାକ୍ତର ମାନେ ତାଚ୍ଛଲ୍ୟ କରୁଛନ୍ତି ।ଏବଂ ବିଶେଷଜ୍ଞ ନଥିବାରୁ ଜରୁରୀ ସେବା ମିଳୁନାହିଁ, ଯାହାଫଳରେ ଅନେକ ରୋଗୀ ତତ୍କାଳ ସେବା ଅଭାବରୁଜିଲା ମୁଖ୍ୟ ଚିକିତ୍ସାଳୟରେ ଅସମୟରେ ମୃତ୍ୟୁ ବରଣ କରୁଛନ୍ତି । ରାଜ୍ୟର ସବୁ ଡାକ୍ତରଖାନା ଆଉଟଡୋର ଦୁଇବେଳା ଖୋଲୁଥିବାବେଳେ କନ୍ଧମାଳ ଜିଲ୍ଲାରେ ଉପରବେଳା ଆଉଟଡୋର ଦୁଇ ତିନି ବର୍ଷ ହେବା ନ ଖୋଲିବା ଦୁର୍ଭାଗ୍ୟ ଜନକ ।ତେଣୁ ଏହି ପରିପ୍ରେକ୍ଷୀରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁଜୁଲାଇ ୧୬ତାରିଖରେ ବିଜୁ କଲ୍ୟାଣ ମଣ୍ଡପ ଫୁଲବାଣୀ ଠାରେ ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ନେଇ ଅନୁଷ୍ଠିତ ହେବାକୁଥିବା ସ୍ୱାସ୍ଥ୍ୟ ଶିବିର ସ୍ୱାଗତଯୋଗ୍ୟ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray